






# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମି ତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

## ପୁରାଣ କାହାଣୀ

# ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହିଁ । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

## ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

# ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ "ରସାନନ୍ଦ ଜେନା" ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ "ପଲ୍ଲୀ ଚିତ୍ର" ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ "ନାନା ବାୟା ଗୀତ" ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାଙ୍କୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ 'ଜଗା ଜାସୁସ୍'ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇଙ୍କୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

# ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।




# ପରଲୋକରେ ବାଗ୍ମୀ ପୁରୁଷ ସାରସ୍ୱତ ସାଧକ ପଦ୍ମଶ୍ରୀ ରଜତ କର



**ଶ୍ରୀ**ଜଗନ୍ନାଥ ସଂସ୍କୃତିର ପ୍ରବୀଣ ବକ୍ତା ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ମଉଡ଼ମଣି। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଭଞ୍ଜ ସାହିତ୍ୟର ବ୍ୟାଖ୍ୟାକାର ଶିକ୍ଷାବିତ ନାଟ୍ୟକାର ପଦ୍ମଶ୍ରୀ ରଜତ କର ଆଉ ନାହାଁନ୍ତି। ସେ ଥିଲେ ଓଡ଼ିଆ ସାରସ୍ୱତ ଜଗତର ଉଜ୍ଜ୍ୱଳ ତାରକା। ଆଜୀବନ ଭଞ୍ଜ ସାହିତ୍ୟ, ଉତ୍କଳ ମାଟି ଓ ଜଗନ୍ନାଥ ସଂସ୍କୃତିର ବିଶିଷ୍ଟ ପ୍ରଚାରକ। ଲକ୍ଷ ଲକ୍ଷ ପ୍ରଶଂସକ, ଗୁଣମୁଗ୍ଧ ଶ୍ରୋତା ତଥା ଅସୁମାରୀ ବାଣୀ ଭଣ୍ଡାରକୁ ଛାଡ଼ି ସେ ଆରପାରିର ଯାତ୍ରୀ ହୋଇଯାଇଛନ୍ତି। ଶବ୍ଦକୁ ଶବ୍ଦ ଯୋଡ଼ି କାଳଜୟୀ ସାହିତ୍ୟ ସୃଷ୍ଟି କରିଥିବା ହାତ ଆଜି ଅଟକି ଯାଇଛି। ଶ୍ରୀଜଗନ୍ନାଥ ସଂସ୍କୃତି ଚର୍ଚ୍ଚା ସମୟରେ ତାଙ୍କ ଉଦ୍ଧୃତି ଗବେଷଣା କରନ୍ତି ଗବେଷକ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ସମୟରେ ରେଡ଼ିଓରେ ତାଙ୍କର ପ୍ରତ୍ୟକ୍ଷ ଧାରାବିବରଣୀ ଶୁଣିବାକୁ ଅପେକ୍ଷା କରି ରହିଥାନ୍ତି ଅଗଣିତ ଶ୍ରୋତା। ଏହି ବିଶିଷ୍ଟ ଆଧ୍ୟାତ୍ମିକ ସାଧକ ଜୀବନର ଶେଷ ନିଃଶ୍ୱାସ ତ୍ୟାଗ ପର୍ଯ୍ୟନ୍ତ ବେଶ କର୍ମବ୍ୟସ୍ତ ଓ ଚଳଚଞ୍ଚଳ ଥିଲେ। ସେ ଦିନ କଟକରେ ଭଞ୍ଜ ଜୟନ୍ତୀ ପାଇଁ ବୈଠକରେ ସାମିଲ ହୋଇଥିଲେ ଏବଂ ସଂଧ୍ୟାରେ ପୁନର୍ବାର କଟକ ଫେରିବା ପାଇଁ ମଧ୍ୟ କଥା ଦେଇଥିଲେ କିନ୍ତୁ ସେ ଆଉ ଫେରିଲେ ନାହିଁ। ଅଫେରା ରାଇଜକୁ ସେ ଫେରିଗଲେ। ୧୯୩୪ମସିହା ଅକ୍ଟୋବର ୨ରେ ତାଙ୍କ ପୈତୃକ ଘର କଟକ ଜିଲ୍ଲାର ମାହାଙ୍ଗା ହୋଇଥିଲାବେଳେ ସେ କାଳିଗଳି ନିକଟସ୍ଥ ମେହେନ୍ଦିପୁରରେ ଜନ୍ମ ହୋଇଥିଲେ। ତାଙ୍କ ବାପା ଥିଲେ କୁଳମଣି କର ଓ ମାତା ଇନ୍ଦୁମତି କର। ସେ ମାଟ୍ରିକ ପାସ ବେଳେ ପ୍ରଧାନଶିକ୍ଷକ ଭଦ୍ର ଚରଣ ନାୟକଙ୍କ ବନ୍ଧୁ। ଭଞ୍ଜ ସାହିତ୍ୟର ପ୍ରବକ୍ତା ବିଚ୍ଛନ୍ଦ ଚରଣ ପଟ୍ଟନାୟକଙ୍କ ସଂସ୍ପର୍ଶରେ ଆସିଥିଲେ। ଉତ୍କଳ ବିଶ୍ୱବିଦ୍ୟାଳୟରୁ ସେ ଅର୍ଥନୀତିରେ ସ୍ନାତୋକତ୍ତୋର ସମପ୍ତା କରିବା ସହ ଏସିଆନ ଇନ୍‌ଷ୍ଟ୍ରିଚ୍ୟୁଟ ଅଫ ଏଜୁକେସନ ପ୍ଲାନିଂ ଆଣ୍ଡ ଆଡମିନଷ୍ଟ୍ରେସନ, ନୂଆଦିଲ୍ଲୀରୁ ଉଚ୍ଚ ଶିକ୍ଷା ପାଇଥିଲେ। ଜଣେ ଅଧ୍ୟାପକ ଭାବେ କର୍ମମୟ ଜୀବନ ଆରମ୍ଭ କରି ସେ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ।

୧୬୮୦ ଖ୍ରୀଷ୍ଟାବ୍ଦର ଜନ୍ମିତ କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ସାହିତ୍ୟକୁ ପ୍ରଚାର ପ୍ରସାର କରିବାରେ ପଦ୍ମଶ୍ରୀ ରଜତ କର ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଉପେନ୍ଦ୍ର ଭଞ୍ଜଙ୍କ ଚର୍ଚ୍ଚିତ 'ବୈଦେହୀଶ ବିଳାସ', 'ଲାବଣ୍ୟବତୀ' ଓ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ' ଭଳି ପ୍ରସିଦ୍ଧ କାବ୍ୟ ଓ ଅନ୍ୟାନ୍ୟ ସୃଷ୍ଟିକୁ ଉତ୍ତରପିଢ଼ିଙ୍କ ପାଖରେ ପହଞ୍ଚାଇବାକୁ ଅହରହ ଉଦ୍ୟମ କରୁଥିଲେ। କ୍ଷେତ୍ରବୁଲିକି ମା'ଜନ୍ମ ଦେଇଥିଲେ ବୋଲି ବାପା ନାଁ ରଖିଥିଲେ କ୍ଷେତ୍ରମଣି। କାରଣ ଡ.କରଙ୍କ ପୂର୍ବରୁ ଜନ୍ମ ହେଲା ମାତ୍ରେ ତିନିଜଣ ମରିଯାଇଥିଲେ। ଶେଷରେ ମା' ମରିଚିକୁଣ୍ଡରେ ଗାଧୋଇ ଶ୍ରୀଲିଙ୍ଗରାଜଙ୍କୁ ଦର୍ଶନ କଲେ ସନ୍ତାନ, ସନ୍ତତି ପ୍ରାପ୍ତ ଆଶାରେ ଯାଇଥିଲେ। କିନ୍ତୁ ସକାଳ ହୋଇଗଲା ଅଧା ଗାଧୁଆରେ ମହାପ୍ରଭୁଙ୍କ ଦର୍ଶନ ନକରି ମା' କାନ୍ଦି କାନ୍ଦି ଫେରୁଥିଲେ। ତାଙ୍କୁ ଗୋଡ଼େଇ ଗୋଡ଼େଇ ଜଣେ ବ୍ରାହ୍ମଣ ଆସି କହିଲେ ମା'ଚାରଣୀ ପଇସା ଦେଇଯାଆ ଦେଖିବ ତୁମର କେମିତି ପିଲା ହେବ। ଠିକ ବର୍ଷେ ପୂର୍ବରୁ ଡ.କର ମା'ଙ୍କ ଗର୍ଭରେ ରହିଥିଲେ। ଏହାପରେ ଆହୁରି ତିନି ଭାଇ ଭଉଣୀ ଜନ୍ମ ହେଲେ। ସ୍ୱପ୍ନରେ ଡ. କରଙ୍କ ବାପାଙ୍କୁ ତାଙ୍କ ଦଦେଇ ଆସି କହିଲେ ତୁ ବହୁତ କ୍ଷେତ୍ର ବୁଲି ଯାକୁ ପାଇଛୁ ତେଣୁ ତା' ନାଁ କ୍ଷେତ୍ରମଣି ଦେ। କିନ୍ତୁ ପରେ ସ୍କୁଲରେ ପିଲା କ୍ଷେତରା କହି ତାଙ୍କୁ ଚିଡ଼ାଇଥିଲେ। ସେଥିପାଇଁ କଲିଜିଏଟ ସ୍କୁଲରେ ଅଷ୍ଟମରେ ପଢ଼ିଲା ସମୟରେ ବାପା ଆଫିଡେଫିଟ କରି ନାଁ ଦେଲେ ରଜତ। ଆଉ ଏହି ନାଁ ଜଣେ ବଙ୍ଗୀୟ ମହିଳା ଦେଇଥିଲେ। କାରଣ ଏ ନାଁ ବଙ୍ଗଳାରେ ବହୁ ପ୍ରସିଦ୍ଧ ଥିଲା। ବିଶ୍ୱନାଥ କରଙ୍କ ବୋହୂ ଏହି ନାଁ ଦେଇଥିଲେ। କିନ୍ତୁ ଡ.କର କୁହନ୍ତି ଶ୍ରୀଲିଙ୍ଗରାଜଙ୍କ ଦୟାରୁ ଜନ୍ମ ବୋଲି ମା'କୁହନ୍ତି ତୁ ଶ୍ରୀଲିଙ୍ଗରାଜଙ୍କ ପୁଅ। ଆଉ ସେ ହିଁ ମୋତେ ଆଧ୍ୟାତ୍ମିକତା ରାସ୍ତାରେ ଯିବାର ମାର୍ଗ ଦେଖାଇଥିଲେ।

୨୦୨୧ରେ ପଦ୍ମଶ୍ରୀ ପାଇଁ ରଜତ କରଙ୍କ ନାମ ଘୋଷଣା ହେବା ପରେ ସେ ଗଣମାଧ୍ୟମକୁ କହିଥିଲେ 'ଶତାଅଶୀ ବର୍ଷ ବୟସ ହେଲାଣି ଜଗନ୍ନାଥଙ୍କ କୃପାରୁ ମୁଁ ଆଜି ବାଦୀ ପାଲା ଆୟୋଜନ କରିପାରୁଛି। ଏହା ମୋର କୃତୀତ୍ୱ ନୁହେଁ ମହାପ୍ରଭୁଙ୍କ କରୁଣା। ୧୯୫୯ରୁ ୬୦ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ରଥଯାତ୍ରାର ରର୍ଣ୍ଣିଂ କମେଣ୍ଟ୍ରି କରିଆସୁଛି। ଏହା ହେଉଛି ମହାପ୍ରଭୁଙ୍କ ମୋ ପ୍ରତି ଅପାର କୃପା ଓ ଓଡ଼ିଶା ବାସୀଙ୍କ ସ୍ନେହଶ୍ରଦ୍ଧା'। ତାଙ୍କ ସାହିତ୍ୟ ସର୍ଜନା ଗୁଡ଼ିକ ହେଉଛି 'ଜନ ଜୀବନରେ ଜଗନ୍ନାଥ', 'ଅନନ୍ୟ ଜଗନ୍ନାଥ ଅନୁଭୂତିରେ', 'ଅନ୍ଧପୁଟୁଳି', 'ଚନ୍ଦନ ହଜୁରୀ', 'ଜଣାଣ ଜଣାଉଛି ଜଗନ୍ନାଥଙ୍କୁ', 'ବାଇଶି ପାବଛ', 'ବୀର ଚାଖିଖୁଣ୍ଟିଆ', 'ଜନ ମାନସରେ ଭଞ୍ଜ', 'ସୁରେନ୍ଦ୍ର ସାଏ', 'କବି ସମ୍ରାଟ', 'ମକର କହୁଛି ହଜୁରେ', 'ଶଳିତା', 'କୃତୀ-ସ୍ମୃତି ଓ ସଂସ୍କୃତି', 'ଭାରତ ଦୀପ୍ତୀ' ପ୍ରମୁଖ। ବୃତ୍ତିଗତ ଜୀବନ ଅପେକ୍ଷା ତାଙ୍କର ଓଡ଼ିଶା କଳା, ସାହିତ୍ୟ ଓ ସଂସ୍କୃତି ପ୍ରତି ଥିଲା ତାଙ୍କର ପ୍ରଗାଢ଼ ଅନୁରକ୍ତି। ଜଣେ ଅର୍ଥନୀତି ଛାତ୍ର ହୋଇ ମଧ୍ୟ ଓଡ଼ିଆ ଜାତିକୁ ଭଲ ପାଇ ସାହିତ୍ୟାନୁରାଗୀ ହୋଇଥିଲେ। ୧୯୫୦ ମସିହାରୁ ଭଞ୍ଜ ଜୟନ୍ତୀ ପାଳନ କରି ରାଜ୍ୟ ତଥା ରାଜ୍ୟ ବାହାରେ ଭଞ୍ଜ ସାହିତ୍ୟକୁ ଜନମାନସରେ ପ୍ରଚାର ପ୍ରସାର କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ନିଜ ଅନନ୍ୟ ବାଗ୍ମୀତା, ପାଣ୍ଡିତ୍ୟ ଓ ସୃଜନକୃତୀ ପାଇଁ ଚିରସ୍ମରଣୀୟ ହୋଇ ରହିବେ। ଓଡ଼ିଆ ସଂସ୍କୃତି, ପରମ୍ପରା ଓ ବିଶେଷକରି ଜଗନ୍ନାଥ ସଂସ୍କୃତିର ସେ ଥିଲେ ଜଣେ ମହାନ ପ୍ରଚାରକ। ସାହିତ୍ୟ କ୍ଷେତ୍ରରେ ଅନନ୍ୟ ସାଧନା ପାଇଁ ସେ ଓଡ଼ିଆ ପାଠକଙ୍କ ନିକଟରେ ଯଶସ୍ୱୀ ହୋଇପାରିଥିଲେ। ସେ ୧୯୯୪ରେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀ ପୁରସ୍କାର ପାଇଥିବାବେଳେ ୨୦୧୭ରେ ସେ ଓଡ଼ିଶା ସାହିତ୍ୟ ଏକାଡ଼େମୀ ସମ୍ବର୍ଦ୍ଧନା ପାଇଥିଲେ ଓ ୨୦୨୧ରେ କେନ୍ଦ୍ର ସରକାରଙ୍କ ପଦ୍ମଶ୍ରୀ ସମ୍ମାନ ପାଇଥିଲେ। ସେ ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ମଣିଷ ତିଆରି କାରଖାନା ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଜଣେ ଅନ୍ୟତମ ପ୍ରେରଣାଦାତା ଓ ଶୁଭେଚ୍ଛୁ ଥିଲେ। ଏହି ଲେଖିକା ତାଙ୍କୁ ଅନେକଥର ସାକ୍ଷାତକରି ତାଙ୍କ ଠାରୁ ମୂଲ୍ୟବାନ ପରାମର୍ଶ ଗ୍ରହଣ କରିଛନ୍ତି। ତାଙ୍କ ଆଜୀବନ ସାଧନା ତାଙ୍କୁ ଓଡ଼ିଶାବାସୀଙ୍କ ନିକଟରେ ଅମର ରଖିବ।

# ସୀତା ନବମୀ ଓ ଭାରତୀୟ ସଂସ୍କୃତିରେ ସୀତାଙ୍କ ସ୍ଥାନ



**ବୈ**ଶାଖ ମାସ ଶୁକ୍ଳପକ୍ଷ ନବମୀକୁ ସୀତା ନବମୀ କୁହାଯାଇଥାଏ। ପୌରାଣିକ ମାନ୍ୟତା ଅନୁଯାୟୀ ଏହି ଦିନ ମାତା ସୀତା ପ୍ରକଟ ହୋଇଥିଲେ। ଏହି ପର୍ବକୁ ଜାନକୀ ନବମୀ ମଧ୍ୟ କୁହାଯାଇଥାଏ। ଶାସ୍ତ୍ରାନୁଯାୟୀ ବୈଶାଖ ମାସ ଶୁକ୍ଳପକ୍ଷ ନବମୀ ଦିନ ପୁଷ୍ୟ ନକ୍ଷତ୍ରରେ ରାଜା ଜନକ ସନ୍ତାନ ପ୍ରାପ୍ତି କାମନା କରି ଯଜ୍ଞଭୂମି ପ୍ରସ୍ତୁତ କରୁଥିଲେ। ଭୂମିରେ ହଳ ଚଳାଇବା ସମୟରେ ଭୂତଳରୁ ଏକ ବାଳିକା ପ୍ରକଟ ହେଲେ। ଜୋଚା ଯାଇଥିବା ହଳଲଙ୍ଗଳରେ ଲାଗିଥିବା ଲୁହାର ମୁନିଆ ଅଂଶକୁ ସୀତା କୁହାଯାଇଥାଏ। ସେଥିପାଇଁ ବାଳିକାଙ୍କ ନାମ ସୀତା ରଖାଗଲା। ଏହି ଦିନ ବୈଷ୍ଣବ ସମ୍ପ୍ରଦାୟର ଭକ୍ତମାନେ ବ୍ରତ ରଖି ମାତା ସୀତାଙ୍କ ପୂଜା କରିଥାନ୍ତି। ଏହି ଦିନ ବ୍ରତ ରଖି ଭଗବାନ ଶ୍ରୀରାମଙ୍କ ସହ ମାତା ସୀତାଙ୍କ ବିଧିବିଧାନ ଅନୁଯାୟୀ ପୂଜା କରୁଥିବା ଭକ୍ତକୁ ଭୂମିଦାନ, ଷୋହଳ ମହାଦାନ ଏବଂ ସମସ୍ତ ତୀର୍ଥ ଦର୍ଶନର ପୂଣ୍ୟ ପ୍ରାପ୍ତି ହୋଇଥାଏ।

ଶ୍ରୀରାମଙ୍କ ଜୀବନସଙ୍ଗିନୀ ମାତା ସୀତାଙ୍କ ବିଷୟରେ ରାମାୟଣରେ ବିଶେଷ ଭାବେ ବର୍ଣ୍ଣନା କରାଯାଇଛି। ଦେବୀ ସୀତା ମିଥିଳାର ରାଜା ଜନକଙ୍କ ଜ୍ୟେଷ୍ଠା କନ୍ୟା ଥିଲେ। ତାଙ୍କର ବିବାହ ଅଯୋଧ୍ୟାର ରାଜା ଦଶରଥଙ୍କ ଜ୍ୟେଷ୍ଠ ପୁତ୍ର ଶ୍ରୀରାମଙ୍କ ସହିତ ହୋଇଥିଲା। କୁହାଯାଏ ଯେ ସ୍ୱୟଂବରରେ ଦେବୀ ସୀତା ଶିବଧନୁ ଭାଙ୍ଗିଥିବା ଶ୍ରୀରାମଙ୍କୁ ବରଣ କରିଥିଲେ। ଜଣେ ଆଦର୍ଶ ନାରୀ ଏବଂ ପତିବ୍ରତା ଧର୍ମ କାରଣରୁ ସେ ଜଗତରେ ସମ୍ମାନ ପାଇଥିଲେ। ତ୍ରେତାଯୁଗରେ ତାଙ୍କୁ ଦେବୀ ଲକ୍ଷ୍ମୀଙ୍କ ଅବତାର ବୋଲି କୁହାଯାଏ। ରାମାୟଣରେ ବର୍ଣ୍ଣନା ରହିଛି ଯେ ଥରେ ମିଥିଳାର ରାଜା ଜନକ କ୍ଷେତରେ ହଳ ଚଳାଉଥିଲେ ଏହି ସମୟରେ ତାଙ୍କ ଲଙ୍ଗଳର ମୁନ କେଉଁଠି ଏକ ସ୍ଥାନରେ ଅଟକି ଗଲା। ଲଙ୍ଗଳର ମୁନିଆ ଭାଗକୁ ମୈଥିଳୀ ଭାଷାରେ ସୀତ କୁହାଯାଏ। ଏହି କାରଣରୁ ଜନକ ନିଜର ପୁତ୍ରୀର ନାମ ସୀତା ରଖିଥିଲେ। ରାଜା ଜନକ ଏବଂ ରାଣୀ ସୁନୟନାଙ୍କ ଦ୍ୱାରା ସେ ଲାଳିତ ପାଳିତ ହୋଇଥିଲେ। ଦେବୀ ସୀତା ଭୂଦେବୀଙ୍କ କନ୍ୟା ବୋଲି ମଧ୍ୟ ରାମାୟଣରେ ଉଲ୍ଲେଖ ରହିଛି। ଜନକଙ୍କ କନ୍ୟା ହୋଇଥିବାରୁ ସେ ଜାନକୀ, ଜାନକାତ୍ମଜା ତଥା ଜନକସୁତା ନାମରେ ପରିଚିତା। ମିଥିଳାର ରାଜକୁମାରୀ ହୋଇଥିବାରୁ ତାଙ୍କୁ ମୈଥିଳୀ ମଧ୍ୟ କୁହାଯାଏ। ଦେବୀ ସୀତା ବିଦେହ ନରେଶଙ୍କ କନ୍ୟା ହୋଇଥିବାରୁ ବୈଦେହୀ ନାମରେ ମଧ୍ୟ ପୂଜା ପାଇଥାନ୍ତି। ଭୂମିରୁ ପ୍ରାପ୍ତ ହୋଇଥିବା କାରଣରୁ ସେ ଭୂମିପୁତ୍ରୀ ବା ଭୂସୂତା ନାମରେ ମଧ୍ୟ ପରିଚିତ ଥିଲେ।

ମାତା ସୀତାଙ୍କୁ ଦେବୀଙ୍କ ରୂପରେ ଭାରତରେ ପୂଜା କରାଯାଇଥାଏ। ସେ ମାତା ଲକ୍ଷ୍ମୀଙ୍କ ଅବତାର ବୋଲି ପୁରାଣରେ ବର୍ଣ୍ଣନା କରାଯାଇଛି। ମହାକାବ୍ୟ ରାମାୟଣରେ ପ୍ରଭୁ ଶ୍ରୀରାମଙ୍କୁ ଯେତିକି ଗୁରୁତ୍ୱ ଦିଆଯାଇଛି ମାତା ସୀତାଙ୍କର ମଧ୍ୟ ସେତିକି ଗୁରୁତ୍ୱ ରହିଛି। ରାମାୟଣରେ ପ୍ରାୟତଃ ପ୍ରଭୁ ଶ୍ରୀରାମଙ୍କ ଜୀବନ କାହାଣୀ ଏବଂ କାର୍ଯ୍ୟର ବର୍ଣ୍ଣନା କରାଯାଇଛି। ତେବେ କେତେକ ସ୍ଥାନରେ ଦେବୀ ସୀତାଙ୍କ ବିଷୟରେ ବିସ୍ତୃତ ବର୍ଣ୍ଣନା ରହିଛି। ସୀତା ମାତା ତାଙ୍କର ପତିବ୍ରତ, ଦୃଢ଼ ସଂକଳ୍ପ, ସାହସିକତା, ସମର୍ପଣ, ଉଦାରତା, ଜ୍ଞାନ ପାଇଁ ପରିଚିତ ଥିଲେ। ଜୀବନରେ ଅନେକ ଝଡ଼ଝଞ୍ଜାର ସମ୍ମୁଖୀନ ହୋଇଥିଲେ ସୁଦ୍ଧା ତାଙ୍କର ମନୋବଳ ଅତ୍ୟନ୍ତ ସୁଦୃଢ଼ ଥିଲା। ରାମାୟଣରେ ମାତା ସୀତାଙ୍କ ବିଷୟରେ ଯେଉଁ କେତେକ ସ୍ଥାନରେ ବର୍ଣ୍ଣନା ରହିଛି ସେଥିରୁ ମାତାଙ୍କର ଜ୍ଞାନ, ବୁଦ୍ଧି ଏବଂ ବିବେକର ପରିଚୟ ମିଳିଥାଏ। ବନବାସ କାଳରେ ଶ୍ରୀରାମ ଅନେକ ଅସୁରମାନଙ୍କର ବିନାଶ କରିଥିବା ମାତା ସୀତା ଦେଖିଲେ। ଶ୍ରୀରାମଙ୍କ ଦ୍ୱାରା କୌଣସି ନିରୀହ ପ୍ରାଣୀ ଯେପରି ମୃତ୍ୟୁବରଣ ନକରେ ସେଥିପାଇଁ ମାତା ଚିନ୍ତା ପ୍ରକଟ କରିଥିଲେ। ଶ୍ରୀରାମ ଏହି ସମୟରେ ତାଙ୍କୁ ବଚନ ଦେଇଥିଲେ ଯେ ଅକାରଣରେ ଏବଂ ବିନା ଆହ୍ୱାନରେ ସେ କେବେହେଲେ କାହାରିକୁ ମାରିବେ ନାହିଁ। ରାବଣ ଯେତେବେଳେ ଭିକ୍ଷୁ ବେଶରେ ମାତା ସୀତାଙ୍କୁ ଅପହରଣ କରିବାକୁ ଆସିଲା, ମାତା ସୀତା ତାର ଏପରି ବେଶ ଦେଖି ଠଉରାଇ ନେଲେ। ସେ ରାବଣକୁ କହିଥିଲେ, ତୁମେ ତ ଭୀକ୍ଷୁକଙ୍କ ଭଳି ଦେଖା ଯାଉନାହିଁ। ଅର୍ଥାତ୍ ମାତାଙ୍କର ରାବଣର ପରିଚୟ ପ୍ରତି ସନ୍ଦେହ ଉତ୍ପନ୍ନ ହୋଇସାରିଥିଲା। ଏହାସତ୍ତ୍ୱେ ସେ ଅବତାର ଧର୍ମର ମର୍ଯ୍ୟାଦା ପାଳନ କରିବାକୁ ଯାଇ ଭିକ୍ଷା ଦେଇଥିଲେ। ତାଙ୍କର ଅପହରଣ ହେବା ସହିତ ରାବଣର ବିନାଶ ଲାଗି ମାର୍ଗପ୍ରଶସ୍ତ ହୋଇଥିଲା। ହନୁମାନ ଯେତେବେଳେ ଅଶୋକ ବାଟିକାରେ ମାତା ସୀତାଙ୍କୁ ଭେଟିଲେ ସେ ସଙ୍ଗେ ସଙ୍ଗେ ରାମ ସୀତାଙ୍କ ମିଳନ ପାଇଁ ଇଚ୍ଛା ବ୍ୟକ୍ତ କଲେ। ମାତ୍ର ସୀତା କହିଲେ, ସେ ଭୀରୁଙ୍କ ଭଳି ଲୁଚିକି ଲଙ୍କାରୁ ଯାଇପାରିବି ନାହିଁ। ଶ୍ରୀରାମ ଯୁଦ୍ଧ କରି ହିଁ ମୋତେ ଏଠାରୁ ନେଇଯିବେ। ଏହା କହି ସେ ହନୁମାନଙ୍କୁ ଫେରିଯିବା ଲାଗି କହିଥିଲେ। ଦେବୀ ସୀତାଙ୍କ ଚରିତ୍ର ବିଷୟରେ ମହାନ ଭାରତୀୟ ସନ୍ଥ ସ୍ୱାମୀ ବିବେକାନନ୍ଦ କହିଛନ୍ତି ଭାରତ ଏବଂ ବିଶ୍ୱର ଯେତେ ଗ୍ରନ୍ଥ ଖୋଜିଲେ ମଧ୍ୟ ହୁଏତ ଶ୍ରୀରାମଙ୍କ ଭଳି ଚରିତ୍ର ମିଳିଯାଇପାରନ୍ତି କିନ୍ତୁ ସୀତାଙ୍କ ଭଳି ଚରିତ୍ର ମିଳିବା ଅସମ୍ଭବ। ସୀତା ଭାରତର ପରିଚୟ, ସେ ଭାରତୀୟଙ୍କ ପାଇଁ ଆଦର୍ଶ।

# ଥାନୁଆଳ ପ ାୟତରେ ବସୁଧା ଯୋଜନା ଫେଲ୍



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଅନ୍ତର୍ଗତ ଥାନୁଆଳ ପ ାୟତରେ ବସୁଧା ଯୋଜନା ଫେଲ୍ ମାରିଛି । ପ ାୟତବାସୀଙ୍କୁ ମିଳୁନି ବିଶୁଦ୍ଧ ପାଇପ୍ ପାଣି । ଖରା ମାସରେ ୪ହଜାରରୁ ଅଧିକ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛନ୍ତି । ବାଧ୍ୟ ହୋଇ ଲୋକମାନେ ନିଜସ୍ୱ ଉଦ୍ୟମରେ ନଳକୂପ ପକାଇ ପାଣି ବ୍ୟବହାର କରୁଥିବା ବେଳେ ଗରିବ ଲୋକମାନେ କୂଅ ପୋଖରୀରୁ ପାଣି ସଂଗ୍ରହ କରୁଛନ୍ତି । ଏସବୁ ଜଳ ଉତ୍ସ ଏବେ ଶୁଖିବା ଆରମ୍ଭ ହୋଇଗଲାଣି । ବୁଲା ଗୋରୁଗାଈ ଓ ଅନ୍ୟ ପଶୁପକ୍ଷୀମାନେ ମଧ୍ୟ ପିଇବା ପାଇଁ ପାଣି ମୁନ୍ଦେ ପାଉନାହାଁନ୍ତି । ସେହିପରି ନିକଟରେ ଥିବା ରାମ୍‌କୋ ସିମେ ୍ କାରଖାନା ବିପୁଳ ଭୂତଳ ଜଳ ବ୍ୟବହାର କରୁଥିବାରୁ ଜଳସ୍ତର ହ୍ରାସ ପାଉଥିବା ଅଭିଯୋଗ ଉଠିଛି । ଏଥିପାଇଁ ଆଗାମୀ ଦିନରେ ସ୍ଥାନୀୟ ଅ ଳରେ ଜଳ ସଂକଟ ଉତ୍କଟ ଆକାର ଧାରଣ କରିବା ଆଶଙ୍କା ସୃଷ୍ଟି ହୋଇଛି । ପ୍ରକାଶ ଯେ, ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗ ପକ୍ଷରୁ ଥାନୁଆଳ ପ ାୟତ କାର୍ଯ୍ୟାଳୟ ନିକଟରେ ପ୍ରାୟ ୫କୋଟି ଟଙ୍କା ବ୍ୟୟରେ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଛି । ତାମିଲନାଡୁର ଏକ ଠିକାସଂସ୍ଥା ୩ବର୍ଷ ହେଲା ଏଠାରେ କାମ ଆରମ୍ଭ କରିଥିଲେ ହେଁ, ଏପର୍ଯ୍ୟନ୍ତ ପ୍ରକଳ୍ପ ନିର୍ମାଣ ସରୁନାହିଁ । କେବେ ଶେଷ ହେବ ଏ ପ୍ରଶ୍ନର ଉତର କାହା ପାଖରୁ ମିଳୁନାହିଁ । ଉକ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନଥିବାରୁ ନିକଟସ୍ଥ ଖୁ ।, ଯୋଗରଡ଼ା, ରଘୁନାଥପୁର, ମୁରାରିପୁର, ଗୁଆରଙ୍ଗ, ଥାନୁଆଳ, କ ।ମାଳିଆ, ଝାରଷୋଳ ଓ କାନପୁର ଗ୍ରାମବାସୀ ପାଇପ୍ ପାଣି ପାଇବାରୁ ବ ିତ ହୋଇଛନ୍ତି । ରାଜ୍ୟ ସରକାର ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବାପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦୂରଦୃଷ୍ଟିହୀନତା ଯୋଗୁ ଏଠାରେ ଉକ୍ତ ମୂଲ୍ୟବାନ ପ୍ରକଳ୍ପକୁ କାର୍ଯ୍ୟକ୍ଷମ କରାଯାଇ ପାରୁନାହିଁ । ଏବେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଥିବା ବେଳେ ଲୋକମାନେ ବିଶୁଦ୍ଧ ପାଣି ମୁନ୍ଦେ ପାଇବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପଟେ ପାଇପ୍ ବିଛାଇବା ନାଁରେ ଠିକାସଂସ୍ଥା ଲକ୍ଷ ଲକ୍ଷ ଟଙ୍କାର ରାସ୍ତାକୁ ଖୋଳିତାଡ଼ି ପକାଇଥିଲେ ହେଁ, ଏହାକୁ ମରାମତି ନକରି ଛାଡ଼ି ଦେଇଛି । ଲୋକମାନଙ୍କ ଯାତାୟତରେ ମଧ୍ୟ ବାଧା ଉପୁଜିଛି । ସେହିପରି ସ୍ଥାନୀୟ ହରିଦାସପୁର ମୌଜାରେ ଥିବା ରାମ୍‌କୋ ସିମେ ୍ କମ୍ପାନୀ କାରଖାନା ପରିସରରେ ୩ଟି ବୋରୱେଲ୍ କରି ବିପୁଳ ଭୂତଳ ଜଳ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । କାରଖାନା କାର୍ଯ୍ୟକ୍ଷମ ପୂର୍ବରୁ ୨୦୧୮ ଅଗଷ୍ଟରେ ଜଳ ସଂପଦ ବିଭାଗ ପକ୍ଷରୁ କେବଳ ପ୍ରକଳ୍ପ ନିର୍ମାଣ ଓ ପାନୀୟ ଜଳ ବ୍ୟବହାର କରିବାକୁ ୧୦୦କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ଦେଇଥିଲା । ମାତ୍ର ଉକ୍ତ କମ୍ପାନୀ କାରଖାନା ଚଳାଇବାରେ ମଧ୍ୟ ଭୂତଳ ଜଳ ବ୍ୟବହାର କରୁଥିବା ଅଭିଯୋଗରେ ଦର୍ଶାଯାଇଛି । ଏହି କମ୍ପାନୀ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛି ତାକୁ ମାପିବାକୁ କେହି ନାହାଁନ୍ତି । ଏଥିପାଇଁ ନିକଟସ୍ଥ ଥାନୁଆଳ, ହରିଦାସପୁର, ସୁନ୍ଦରିଆ ଓ ଆରୁହା ପ ାୟତରେ ଭୂତଳ ଜଳସ୍ତର କମିଯାଉଛି । ଏଥିସହ କାରଖାନାରୁ ନିର୍ଗତ ଜିପସମ୍ ଓ ସିମେ ୍ ଗୁଣ୍ଡ ଉଡ଼ି ନିକଟସ୍ଥ ପୋଖରୀ ଓ କୂଅ ପାଣିରେ ପଡୁଛି । ଏହି ବିଷାକ୍ତଗୁଣ୍ଡ ପାଣିରେ ଏକ ଆସ୍ତରଣ ସୃଷ୍ଟି କରିଥିବାରୁ ଲୋକମାନେ ଏହାକୁ ବ୍ୟବହାର କରିବାକୁ ନିରାପଦ ମଣୁନାହାଁନ୍ତି । ଯାଜପୁର ଜିଲ୍ଲାପାଳ ଏସବୁ ସମସ୍ୟା ସମାଧାନ ଦିଗରେ ହସ୍ତକ୍ଷେପ କରିବାକୁ ଅ ଳବାସୀ ଦାବି କରିଛନ୍ତି ।

# କେନ୍ଦ୍ରାପଡା ଝିଅ ଉତ୍କଳ ବିଶ୍ୱବିଦ୍ୟାଳୟ ଇଂରାଜୀ ବିଭାଗରେ ଟପ୍ପର



କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡାର ସୁନେଇଲୋ ଗ୍ରାମର ଇପ୍ସିତା ମିଶ୍ର ଭୁବନେଶ୍ୱର ବାଣୀବିହାରସ୍ଥିତ ଉତ୍କଳ ବିଶ୍ୱବିଦ୍ୟାଳୟର ଇଂରାଜୀ ବିଭାଗରେ ସ୍ନାତକୋ ରରେ ପ୍ରଥମ ସ୍ଥାନ ଅଧିକାର କରି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି । ଉତ୍କଳ ବିଶ୍ୱବିଦ୍ୟାଳୟର ୫୨ତମ ସମାବ ିନ ଉତ୍ସବ ତଥା ଉପାଧି ପ୍ରଦାନ ସମାବେଶରେ ଓଡିଶା ହାଇକୋର୍ଟର ବିଚାରପତି ଡଃ. ବିଦ୍ୟୁତ ରଞ୍ଜନ ଷଡଙ୍ଗୀ ମୁଖ୍ୟ ଅତିଥି ଓ ଉଚ୍ଚଶିକ୍ଷାମନ୍ତ୍ରୀ ଅରୁଣ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଇପ୍ସିତା ମିଶ୍ରଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରିଥିଲେ । ଏହି ପଦକଗୁଡିକ ମଧ୍ୟରେ ଦିୱାନ ବାହାଦୁର ଲକ୍ଷ୍ମୀଧର ମହାନ୍ତି ମେମୋରିଆଲ୍, ଗିରିଜାଶଙ୍କର ରାୟ ମେମୋରିଆଲ୍, କି ିନ ବିହାରୀ ପଟ୍ଟନାୟକ ମେମୋରିଆଲ୍ ଓ ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏହିପରି ୪ଟି ସ୍ୱର୍ଣ୍ଣପଦକ ପ୍ରଦାନ କରାଯାଇଛି । ତାଙ୍କର ବାପା ଡା. କିଶୋର ଚନ୍ଦ୍ର ମିଶ୍ର କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟ ଶିଶୁ ବିଭାଗରେ କାର୍ଯ୍ୟରତ ଥିବାବେଳେ ମା' କଳ୍ପନା ମିଶ୍ର ପଦାର୍ଥ ବିଜ୍ଞାନରେ ସ୍ନାତକୋ ର କରିଛନ୍ତି । ଇପ୍ସିତାଙ୍କ ଭାଇ ଅଂଶୁମାନ ମିଶ୍ର ୨୦୧୫ରେ ସିଭିଲ ସର୍ଭିସ ପରୀକ୍ଷାରେ ଉ ୀର୍ଣ୍ଣ ହୋଇଥିଲେ । ସେ ଆଇଆରପିଏସ୍ (ଇଣ୍ଡିଆନ ରେଲୱେ ପର୍ସନେଲ ସର୍ଭିସ) । ଏବେ ରେଳ ବିଭାଗ ନାଗପୁରରେ ଡିଆରଏମ୍ ଅଛନ୍ତି। ଇପ୍ସିତା ସଫଳତାର ସମସ୍ତ ଶ୍ରେୟ ତାଙ୍କ ମା' କଳ୍ପନା ମିଶ୍ର ଏବଂ ବାପା କିଶୋର ମିଶ୍ରଙ୍କୁ ଦେଇଛନ୍ତି । ସେ କେନ୍ଦ୍ରାପଡା ସେ ଜୋସେଫ୍ ସ୍କୁଲରୁ ପାଠପଢା ଆରମ୍ଭ କରି ୟୁନିଟ- ୮ ଡିଏଭି ପବ୍ଲିକ ସ୍କୁଲରୁ ସଫଳତା ସହ ମ୍ୟାଟ୍ରିକରେ ଉ ୀର୍ଣ୍ଣ ହେବାପରେ ରମାଦେବୀ କଲେଜ ଓ ଉତ୍କଳ ବିଶ୍ୱବିଦ୍ୟାଳୟରେ ସ୍ନାତକୋ ର ଡିଗ୍ରୀ ହାସଲ କରିଛନ୍ତି । ଏହା ପରେ ଇପ୍ସିତା ରିଜିଓନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଏଜୁକେଶନରୁ ବିଏଡ୍ ମଧ୍ୟ କରିଛନ୍ତି । ଭବିଷ୍ୟତରେ ଇଂରାଜୀ ବିଭାଗରେ ପ୍ରଫେସର ହେବେ ବୋଲି ଲକ୍ଷ୍ୟ ରଖିଥିବା ତାଙ୍କ ପ୍ରତିକ୍ରିୟାରେ ପ୍ରକାଶ କରିଛନ୍ତି । ସବୁଠୁ ବଡ଼ କଥା ହେଉଛି ଓଡିଶାର ପିଲାଙ୍କୁ ଉଚ୍ଚମାନର ଇଂରାଜୀ ଶିକ୍ଷା ଦେବା ପାଇଁ ସେ ଲକ୍ଷ୍ୟ ରଖିଛନ୍ତି। ଏହି ସଫଳତା ସମଗ୍ର କେନ୍ଦ୍ରାପଡ଼ା ଜିଲ୍ଲାର ଗର୍ବ ଓ ଗୌରବକୁ ବହୁଗୁଣିତ କରିଛି।

# ଆନନ୍ଦପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ୍ ଶିବିର ଉଦ୍‌ଯାପିତ

ଆନନ୍ଦପୁର (ପିଏନ୍): ଆନନ୍ଦପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବାଳିକା ଆତ୍ମ ସୁରକ୍ଷା ତାଲିମ ଶିବିର ଉଦ୍‌ଯାପନ ଉତ୍ସବ ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ସଭାରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମେଜର ଡଃ ଦିଲ୍ଲୀପ କୁମାର ଦାଶଙ୍କ ସଭାପତିତ୍ୱରେ ଆନନ୍ଦପୁର ପୌର ପରିଷଦର ଅଧ୍ୟକ୍ଷା ସୁଶ୍ରୀ ରଜନୀରାଣୀ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଛାତ୍ରୀମାନଙ୍କୁ ୮ ଦିନ ଧରି ଚାଲିଥିବା ତାଲିମ୍ କେନ୍ଦ୍ରରେ ଶିକ୍ଷା ଦିଆଯାଇଥିବା ଆତ୍ମ ସୁରକ୍ଷା ସମ୍ବନ୍ଧୀୟ ବିଭିନ୍ନ କୌଶଳକୁ ଦୈନନ୍ଦିନ ଜୀବନରେ ପ୍ରୟୋଗ କରିବା ସହିତ ପଡୋଶୀ ସହପାଠୀ ଏବଂ ନାରୀ ସମାଜକୁ ସଚେତନ କରିବା ପାଇଁ ମାର୍ଗ ଦର୍ଶନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଫିସର ଇନ୍‌ଚାର୍ଜ ଡଃ ନାରାଣ ମିଶ୍ର, ସଂଯୋଜକ ଶିବ ଚରଣ ବେହେରା, କୃଷ୍ଣଚନ୍ଦ୍ର ମହାନ୍ତ, ପ୍ରାଧ୍ୟାପିକା ଶ୍ରୀଲେଖା ସାହୁ, ମନୋରମା ନାଏକ, ପ୍ରଫୁଲ୍ଲ କୁମାର ପଣ୍ଡା ପ୍ରମୁଖ ଉପସ୍ଥିତ ରହି ଛାତ୍ରୀ ମାନଙ୍କୁ ଆତ୍ମ ସୁରକ୍ଷା ବାବଦରେ ନିଜର ବକ୍ତବ୍ୟ ରଖିଥିଲେ । ଏହି ତାଲିମ୍ ଶିବିରରେ ଯୋଗ ଦେଇଥିବା ୧୪୮ଜଣ ଛାତ୍ରୀଙ୍କୁ ମୁଖ୍ୟଅତିଥି ପୁରସ୍କୃତ କରିଥିଲେ । ପ୍ରାଧ୍ୟାପିକା ଡଃ କମଳିନୀ ପାଣିଗ୍ରାହୀ ସଂଯୋଜନା କରିଥିବା ବେଳେ ପ୍ରାଧ୍ୟାପକ କୃଷ୍ଣଚନ୍ଦ୍ର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇନଟାକ ବାଲେଶ୍ୱର ତରଫରୁ ବିଶ୍ୱ ଐତିହ୍ୟ ଦିବସ ପାଳନ

ବାଲେଶ୍ୱର (ପିଏନ୍)- ବିଶ୍ୱ ଐତିହ୍ୟ ଦିବସ ଅବସରରେ ବାଲେଶ୍ୱର ଚାପ୍ଟର ତରଫରୁ ବାଲେଶ୍ୱର କଳା କ୍ଷେତ୍ରରେ ଏକ ଐତିହ୍ୟ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଜୁନିଅର ଓ ସିନିୟର୍ ଗ୍ରୁପ ରେ ଏହି ପ୍ରତିଯୋଗିତାରେ ୬୦ ପିଲା ଅଂଶ ଗ୍ରହଣ କରି ଐତିହ୍ୟ ସମ୍ପନ୍ନ ଚିତ୍ରାଙ୍କନ କରିଥିଲେ। ଏଥିରେ କୃତକାର୍ଯ୍ୟ ହୋଇଥିବା ପିଲାମାନଙ୍କୁ ଇନଟାକ ତରଫରୁ ପୁରସ୍କୃତ କରାଯାଇଥିଲା। ଏହି ଅବସରରେ ବାଲେଶ୍ୱର ଚାପ୍ଟର ତରଫରୁ ଏକ ସଭା ଭାବଗ୍ରାହୀ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଚାପ୍ଟର ସହ ଆବାହକ ଅର୍ଚ୍ଚନା ନନ୍ଦୀ ବକ୍ତବ୍ୟରେ ପିଲାମାନଙ୍କୁ ଐତିହ ରକ୍ଷଣାବେକ୍ଷଣ କରିବା ପାଇଁ ଆହ୍ୱାନ ଦେଇଥିଲେ। ଅତିରିକ୍ତ ଆବାହକ ନିକୁଞ୍ଜ ବିହାରୀ ଦାସ ପିଲାଙ୍କୁ ପ୍ରତିଯୋଗିତାର ନିୟମ ବିଷୟରେ ଅବଗତ କରାଇଥିଲେ ଏବଂ ଐତିହ ଚିତ୍ର ବିଷୟରେ ସମ୍ୟକ ଧାରଣା ଦେଇଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ କବି ଲକ୍ଷ୍ମୀକାନ୍ତ ତ୍ରିପାଠୀ, ଶିତିକଣ୍ଠ ଦିକ୍ଷିତ, ହରେନ୍ ରଣା ପ୍ରମୁଖ ପିଲାମାନଙ୍କୁ ବାଲେଶ୍ୱର ଐତିହ ଚଷାଖଣ୍ଡ, ରାଇବଣିଆ ଦୁର୍ଗ, ଜୟୀ ରାଜଗୁରୁଙ୍କ ବିଷୟରେ ବିସ୍ତୃତ ଆଲୋଚନା ଗରିଥିଲେ। ଶେଷରେ ଇନଟାକ ସଭ୍ୟ ଯଶୋଦା ନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଫେସର ହୃଦାନନ୍ଦ ରାୟ



**ଓ**ଡ଼ିଶା ଆଧ୍ୟାତ୍ମିକ ସାହିତ୍ୟ, ବାଗ୍ମୀତା, ପାଣ୍ଡିତ୍ୟ, ସରଳତା, ଦାର୍ଶନିକ ଚେତନାର ଅନନ୍ୟ ଦାର୍ଶନିକ ମହାନ ଲେଖକ ଥିଲେ ବାଗ୍ମୀ ହୃଦାନନ୍ଦ ରାୟ। ତାଙ୍କ ଜୀବନ ଚେତନା ଥିଲା ସମର୍ପିତ ଧର୍ମ ସଂସ୍କୃତି ଓ ଆଦର୍ଶବାଦ ତଥା ମାନବୀୟ ମୂଲ୍ୟବୋଧ ସଂସ୍କୃତିର। ସେ ଜଣେ ଅଗାଧ ଜ୍ଞାନର ବିଶାଳ ସମୁଦ୍ର ଥିଲେ। ତାଙ୍କ ଜୀବନ ଥିଲା ଅତ୍ୟନ୍ତ ସରଳ, ନିରାଡମ୍ବର ଓ ସମାଜର ସେବା ପାଇଁ ପ୍ରତିଟି ମୁହୂର୍ତ୍ତ ସମର୍ପିତ ଚେତନାର ବ୍ୟାପ୍ତ ଦିଗନ୍ତ। ପ୍ରସିଦ୍ଧ ଶିକ୍ଷକ, ଦାର୍ଶନିକ, ବାଗ୍ମୀ ପ୍ରଫେସର ହୃଦାନନ୍ଦ ରାୟ ଜୀବନର ଏକ ସମୟରେ କବିତା ଲିଖନ ପ୍ରତି ଆକର୍ଷିତ ହୋଇଥିଲେ। ତେବେ, ଦର୍ଶନ ପ୍ରତି ଅତ୍ୟାଗ୍ରହ, କ୍ରମେ ତାଙ୍କୁ କବିତା ଲିଖନରୁ ଦୂରେଇ ନେଇଥିଲା। ତାଙ୍କ ନିଜ ଭାଷାରେ କବିତା ଚାହୁଁଥିଲା କଳ୍ପନାବିଳାସ, ହୃଦୟର ମନ୍ଥନ ଓ ଭାବର ରୋମନ୍ଥନ। କିନ୍ତୁ ଦର୍ଶନ ଚାହିଁଲା କଳ୍ପନା ବିରହିତ ଶାଣିତ ଯୁକ୍ତିର ପଦ୍ଧତି। ମୁଁ ନିଜକୁ କଳ୍ପନାପ୍ରବଣ ନ କରି ବରଂ କଳ୍ପନାକୁ ଡରି, ଦର୍ଶନ ଚିନ୍ତାରେ ମନୋନିବେଶ କରିଚାଲିଲି। ସେ ଥିଲେ ନିଜକୁ କବି ଭାବୁଥିବା ଦାର୍ଶନିକ। ତେଣୁ ଧାରା ଶ୍ରାବଣ ପରି ଅନର୍ଗଳ କବିତା ବାହାରୁଥିଲା ତାଙ୍କ ତୁଣ୍ଡରୁ। କବିତା ମାଧ୍ୟମରେ ସେ ନିଜକୁ ପ୍ରକାଶ କରିବାକୁ ଭଲପାଉଥିଲେ। ତେବେ, ତାଙ୍କୁ ସମ୍ମୋହିତ କରି ରଖିଥିଲା ଦର୍ଶନଶାସ୍ତ୍ର। ବିଦ୍ୟାଳୟରେ ସ୍ୱପ୍ନ ଦେଖିଥିଲେ, ଦିନେ ନା ଦିନେ ଦର୍ଶନଶାସ୍ତ୍ରକୁ ଭେଟିବେ। ଆଉ ଭେଟିଥିଲେ ରାଭେନ୍‌ସା ମହାବିଦ୍ୟାଳୟର ଆଠ ନମ୍ବର ପ୍ରକୋଷ୍ଠରେ। ପିତା ଚାହୁଁଥିଲେ, ସେ ଆଇନ ପଢ଼ି, ବାରିଷ୍ଟର ହୁଅନ୍ତୁ। ତେବେ ପିତାଙ୍କ କଥା ନ ମାନି ହୃଦାନନ୍ଦ କାଶୀରେ ଦର୍ଶନଶାସ୍ତ୍ରରେ ଉଚ୍ଚ ଶିକ୍ଷା କରିଥିଲେ। ଆଉ ଉଚ୍ଚଶିକ୍ଷା ପରେ ଆରମ୍ଭ ହୋଇଥିଲା ଅଧ୍ୟାପନା। ଶ୍ରୀ ଜଗନ୍ନାଥ ତତ୍ତ୍ୱ ରହସ୍ୟ, ଆମେରିକା ଯେତିକି ଦେଖିଛି, ଯେତିକି ବୁଝିଛି, ଭାଗବତ ସମୀକ୍ଷା ଆଦି ତାଙ୍କ ଦ୍ୱାରା ଲିଖିତ କେତେକ ପ୍ରସିଦ୍ଧ ଗ୍ରନ୍ଥ। ତାଙ୍କ ଆତ୍ମଚରିତ 'ଜାଣେ ଅନୁଭବୀ ଅନୁଭବରେ'। ସେଥିରେ ସେ ଅତି ସୁନ୍ଦର ଭାବରେ ତାଙ୍କ ଜୀବନ ଚେତନାକୁ ଉଲ୍ଲେଖ ରଖିଛନ୍ତି। ପୁସ୍ତକଟିରେ ୨୩ଟି ଅଧ୍ୟାୟ ଭିତରେ ସେ ସମ୍ପୂର୍ଣ୍ଣ ଉଲ୍ଲେଖ ରଖିଛନ୍ତି ତାଙ୍କ ତମାମ ଜୀବନ, ଆଧ୍ୟାତ୍ମିକତା ସଂସ୍କୃତି ଓ ସମାଜର ଜୀବନ ଚେତନାକୁ ନେଇ ଓ ତାଙ୍କ ଆଖପାଖର ମଣିଷ ମାନଙ୍କୁ ନେଇ। ୧୯୩୦ ମେ ୧୦ ତାରିଖ ଦିନରେ ଜଗତ୍‌ସିଂହପୁର ଅନ୍ତର୍ଗତ ଗୋବିନ୍ଦତୋଟାରେ ସେ ଜନ୍ମ ହୋଇଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୫, ଜାନୁଆରୀ ୨୦

# ସୀମାନ୍ତ ଗାନ୍ଧୀ


ଡକ୍ଟର ତପନ କୁମାର ପାଳ

ଭାରତୀୟ ନ ହୋଇ ମଧ୍ୟ ଭାରତର ସର୍ବୋଚ୍ଚ ନାଗରିକ ସମ୍ମାନ। ଭାରତ ରତ୍ନ ଲାଭ କରିଥିବା ପ୍ରଥମ ବିଦେଶୀ ହେଉଛନ୍ତି ଖାନ ଅବ୍ଦୁଲ ଗଫର ଖାନ। ୧୯୮୭ରେ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ତାଙ୍କ ପରେ ୧୯୯୦ରେ ଭାରତ ରତ୍ନ ପାଇଥିଲେ ଆଉ ଜଣେ ବିଦେଶୀ ନେଲ୍‌ସନ୍ ମଣ୍ଡେଲା। ଉଲ୍ଲେଖଯୋଗ୍ୟ ଯେ, ୧୯୮୦ରେ ମଦର ଟେରେସାଙ୍କୁ ଏହା ପ୍ରଦାନ କରାଯାଇଥିଲେ ହେଁ ଏହାର ବହୁ ପୂର୍ବରୁ ସେ ଭାରତର ନାଗରିକତ୍ୱ ପାଇସାରିଥିଲେ। ଗଫର ଖାନ ଏକାଧିକ ନାମରେ ପରିଚିତ ବଚ୍ଚା ଖାନ, ପାଶା ଖାନ, ବାଦଶାହ ଖାନ। ତାଙ୍କୁ ସୀମାନ୍ତ ଗାନ୍ଧୀ ମଧ୍ୟ କୁହାଯାଏ। ସେ ସାରା ଜୀବନ ଅହିଂସାକୁ ଜୀବନର ବ୍ରତ ଭାବେ ଗ୍ରହଣ କରିଥିଲେ। ସେ ଥିଲେ ସଚ୍ଚୋଟ ମୁସଲମାନ। ମହାତ୍ମାଙ୍କ ସହ ତାଙ୍କର ଅନ୍ତରଙ୍ଗ ବନ୍ଧୁତା ଥିଲା। ଭାରତୀୟ ମୁକ୍ତି ସଂଗ୍ରାମର ଏହି ମହାନ୍ ମୁକ୍ତି ଯୋଦ୍ଧା ୧୯୨୯ରେ ଖୁଦାଇ ଖିଦମତଗାର ନାମକ ରାଜନୈତିକ ଦଳ ଗଠନ କରିଥିଲେ। ଅଖିଳ ଭାରତ ମୁସଲିମ୍ ଲିଗ୍ ଯେତେ ବେଳେ ଭାରତ ବିଭାଜନ ପାଇଁ ଦାବି କରିଥିଲା, ସର୍ବ ପ୍ରଥମେ ବିରୋଧ କରିଥିଲେ ଏହି ମୁସଲମାନ ନେତା। ଆଉ ଯେତେବେଳେ ଭାରତୀୟ ଜାତୀୟ କଂଗ୍ରେସ ବିଭାଜନକୁ ସମର୍ଥନ ଦେଲା, ହତାଶ ହୋଇ ଗଫର ଖାନ କଂଗ୍ରେସ ନେତୃବୃନ୍ଦଙ୍କୁ କହିଥିଲେ, ତୁମ୍ଭେମାନେ ଆମକୁ ଗଧିଆ ପଲଙ୍କ ମଧ୍ୟରେ ଠେଲିଦେଲ।' ବିଭାଜନ ପରେ ସେ ପାକିସ୍ତାନରେ ରହିବାକୁ ନିଷ୍ପତ୍ତି ନେଇଥିଲେ ଏବଂ ସ୍ୱୟଂ ଶାସିତ ପକ୍‌ତୁନିସ୍ତାନ ଗଠନ ପାଇଁ ଦାବି କରିଥିଲେ ହେଁ ପାକିସ୍ତାନ ସରକାର ତାଙ୍କୁ ବାରମ୍ବାର ଅକାରଣରେ ଗିରଫ କରାଯାଉଥିଲା ଏବଂ ଲମ୍ବା ସମୟ କାରାଗାରରେ ଅଟକ ରଖାଯାଉଥିଲା। ପେଶାୱାରରେ ଗୃହ ବନ୍ଦୀ ଥିବାବେଳେ ହିଁ ତାଙ୍କର ଦେହାନ୍ତ ହୋଇଥିଲା।

ଅଫଗାନିସ୍ତାନ ଅନ୍ତର୍ଗତ ଜଲାଲାବାଦସ୍ଥିତ ନିଜର ପୈତୃକ ଘରେ କବର ପାଇବା ଥିଲା ତାଙ୍କର ଶେଷ ଇଚ୍ଛା। ଏହାକୁ ସମ୍ମାନ ଜଣାଇ ଦଶ ହଜାରରୁ ଅଧିକ ପ୍ରଶଂସକ ଓ ଅନୁଗାମୀ ତାଙ୍କ ଶବାଧାର ସହ ଖାଇବାର ପାସ ଦେଇ ଚାଲି ଚାଲି ପେଶାୱାରରୁ ଜଲାଲାବାଦ ଯାଇଥିଲେ। ଉକ୍ତ ମହାଯାତ୍ରାକୁ ବିରୋଧୀମାନେ ସଫଳ କରାଇ ନଦେବା ପାଇଁ ଦୁଇ ଦୁଇଟି ବିସ୍ଫୋରଣ ଘଟାଇଥିଲେ। ପନ୍ଦର ଜଣଙ୍କ ମୃତ୍ୟୁ ଘଟିବା ସତ୍ତ୍ୱେ ମହାଯାତ୍ରା ଅଟକି ନଥିଲା। ସେତେବେଳେ ଆଫଗାନିସ୍ତାନରେ ମୁଜହୀଦ୍ଦୀନମାନେ ସୋଭିଏତ୍ ସେନା ସହ ଲଢୁଥାନ୍ତି। ଗଫର ଖାନଙ୍କ ମର ଶରୀରକୁ ଯିବାକୁ ଦେବା ପାଇଁ ୧୮୯୦ରେ ପେଶୱାର ଉପତ୍ୟକାରେ ଏକ ସଂଭ୍ରାନ୍ତ ପରିବାରେ ସେ ଜନ୍ମ ହୋଇଥିଲେ। ଉଚ୍ଚ ଶିକ୍ଷା ଲାଭ ପୂର୍ବରୁ ବ୍ରିଟିସ୍ ସେନାରେ ଅଫିସର ଭାବେ ଯୋଗଦେବା ପାଇଁ ତାଙ୍କୁ ପ୍ରସ୍ତାବ ମିଳିଥିଲେ ହେଁ ସେ ଗ୍ରହଣ ନକରି ସ୍ୱାଧୀନତା ଆନ୍ଦୋଳନରେ ସାମିଲ ହୋଇଥିଲେ। ୧୯୮୮ ଜାନୁଆରୀ ୨୦ ତାରିଖ ଦିନରେ ତାଙ୍କର ପରଲୋକ ହୋଇଥିଲା।

*ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ,*
*ଦେଉଳ ସାହି, ତୁଳସୀପୁର, କଟକ*

# ଗୁରୁ ହିଁ ଭଗବାନ


ଦେବଦତ୍ତ ବିଶ୍ୱାଳ

ଗୁରୁଙ୍କ ମାଧ୍ୟମରେ କିପରି ଭଗବାନଙ୍କୁ ପ୍ରାପ୍ତ ହେବା? ଆମ୍ଭମାନଙ୍କର ଛୋଟିଆ ତେଲ ଲୁଣର ସଂସାର ଆଉ ଜୀବନ ଗୁଜୁରାଣ ଭିତର ଏହି ପ୍ରଶ୍ନଟି ପ୍ରାୟତଃ ଅନେକଙ୍କ ଭିତରେ ଉଙ୍କି ମାରିଥାଏ। ସେହିପରି ଅନେକଙ୍କ ଭିତରେ ପ୍ରଶ୍ନ ଉଠେ ଯେ ଭଗବାନଙ୍କ ସାନ୍ନିଧ୍ୟ ପାଇବା ପାଇଁ ଆମ ମାନଙ୍କୁ ଜ୍ଞାନର କେତେ ଭାବର ଗଭୀରତା ଭିତରକୁ ଯିବାକୁ ପଡ଼ିବ? ଏହିପରି ଅନେକ ଜଟିଳ ପ୍ରଶ୍ନ ଆମ୍ଭ ମାନଙ୍କ ଜୀବନକୁ ଆନ୍ଦୋଳିତ କଲାବେଳେ ଆଜିର ଆଧାତ୍ମିକ ଆଲୋଚନାଟି 'ଗୁରୁ ହିଁ ଭଗବାନ' ଶୀର୍ଷକ ଉପରେ ଛୋଟିଆ ଆଲୋଚନାଟି ରଖୁଛି।

ଆମ ମାନଙ୍କ ନିତିଦିନିଆ ଜୀବନରେ ଗୁରୁତ୍ୱପୂର୍ଣ୍ଣ ପ୍ରେରଣା ଓ ଭଗବତ୍ ଶକ୍ତି ଯୋଗାଉଥିବା ଶ୍ରୀମଦ୍ ଭଗବଦ୍‌ଗୀତାରେ କୁହାଯାଇଛି କେହି ତାଙ୍କୁ ଜୟ କରିପାରିବେ ନାହିଁ କି କେହି ତାଙ୍କ ପାଖରେ ପହଞ୍ଚିପାରିବେ ନାହିଁ। କିନ୍ତୁ ତାଙ୍କୁ ଜୟ କରିହେବ। ଏହା କିପରି ସମ୍ଭବ ? ଇନ୍ଦ୍ରିୟପ୍ରାପ୍ତ ଜ୍ଞାନ ବଳରେ ମାନସିକ କଳ୍ପନା କରିବା କିମ୍ବା ବଡ଼ ବଡ଼ ପୁସ୍ତକ ଲେଖିବା ସମ୍ଭବ। ମାତ୍ର ପରମ ପୁରୁଷ ଭଗବାନଙ୍କୁ ଜାଣିବା ମୂଢ଼ତା। ଗବେଷଣା ଛାଡ଼ିଦିଅ, ସବୁ ଫୋପାଡ଼ି ଦିଅ, ବିନୟୀ ହୁଅ। ଏ କଥା ଆମକୁ ସ୍ୱୀକାର କରିବାକୁ ପଡ଼ିବ ଯେ ଆମର ଶକ୍ତି ସୀମିତ ଏବଂ ଆମେ ଭଗବାନଙ୍କ ଅଧୀନ। କେହି ଭଗବାନଙ୍କ ସହ ସମାନ ହୋଇପାରିବେ ନାହିଁ କିମ୍ବା ତାଙ୍କ ଠାରୁ ବଡ଼ ହୋଇପାରିବେ ନାହିଁ। ତେଣୁ ବିନୟୀ ହେବା। ଉପଯୁକ୍ତ ଅଧିକାରୀ ହୁଅନ୍ତୁ ବା ପରମ ପୁରୁଷ ଭଗବାନ, ସେମାନଙ୍କର ଦିବ୍ୟ ଗୁଣ ଓ ଗୌରବମାନ ଶ୍ରବଣ କରିବା। ଅର୍ଜୁନଙ୍କ ଭଳି ଭଗବାନଙ୍କୁ ବୁଝା ବିଶିଷ୍ଟ ଆଚାର୍ଯ୍ୟଗଣ ଯେଉଁ ପଥମାନ ଦେଖାଇଯାଇଛନ୍ତି, ତାହା ଅନୁସରଣ କରିବା। ତା ହେଲେ ଆମ୍ଭେମାନେ ସବୁ କିଛି ଜାଣିପାରିବା ଯେ ଭଗବାନ ସର୍ବ କାରଣର କାରଣ। ଦିବ୍ୟ ଜ୍ଞାନ ପ୍ରାପ୍ତି ପାଇଁ ଭଗବାନଙ୍କର ଶରଣ ନିଅ। ଯିଏ ପ୍ରକୃତ ଜ୍ଞାନର ଅଧିକାରୀ, ତାଙ୍କ ମାଧ୍ୟମରେ ଭଗବାନଙ୍କୁ ଜାଣିବା। ଏପରି ଜଣେ ଅଧିକାରୀଙ୍କୁ ବାଛିବା ଯିଏ ପ୍ରକୃତ ଗୁରୁ ଏବଂ ଯାହାଙ୍କୁ ପରମ ତତ୍ତ୍ୱ ଜଣା। ଯଦି ଏ ପ୍ରକାର ଆଚାର୍ଯ୍ୟଙ୍କୁ ପାଇବା ତାଙ୍କର ସେବା କରିବା ଏବଂ ତାଙ୍କରି ଶରଣରେ ରହିବା ଅର୍ଥ ଭଗବାନଙ୍କ ଶରଣାଧୀନ ହେବା।

ଆମ୍ଭେମାନେ ଭୁଲିଯିବା ଅନୁଚିତ ଯେ ଆମ୍ଭ ମାନଙ୍କ ସାମ୍ନାରେ ଅନନ୍ତ ଆକାଶ ନିଜର କର୍ମ, ନିଜର ନିଷ୍ପତ୍ତି ଓ ତାହାରି ଉପରେ ଆଧାରିତ ଫଳାଫଳ ପାଇଁ ନିଜକୁ ହିଁ ଦାୟୀ କରିବା। ବିପଦ ସାମ୍ନାରେ ଛିଡ଼ା ହୋଇ କଠିନ ପରିସ୍ଥିତିର ଆଲିଙ୍ଗନରେ ଅଣନିଶ୍ୱାସୀ ନ ହୋଇ ଆନନ୍ଦ ଉସସିତ ବିଜୟର ନିଆରା ଅନୁଭୂତି ଅନୁଭବ କରିବା। ବିଷାଦ ଓ ଚିନ୍ତାର ସମୟ ନଷ୍ଟ କରି ତୁରନ୍ତ ସତକର୍ମରେ ମନ ନିବେଶ କରିବା ଓ ସଠିକ ଭାବରେ ଜୀବନ ନିର୍ବାହ କରିବା। ଜୀବନର ପ୍ରତ୍ୟେକ ପ୍ରତିକୂଳ ପରିସ୍ଥିତିକୁ ଆମ୍ଭେମାନେ ମୁକାବିଲା କରି ପାରିବା। କୁରୁକ୍ଷେତ୍ର ରଣାଙ୍ଗନରେ ବିଷାଦ ଗ୍ରସ୍ତ ଅର୍ଜୁନଙ୍କୁ ଭଗବାନ ଶ୍ରୀକୃଷ୍ଣ ବୁଝାଇବାକୁ ଯାଇ କହିଥିଲେ 'କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ... ' ନୈତତ୍ତ୍ୱୋତ୍ତିଷ୍ଠ ପରନ୍ତପ।'

*ରାମନିଗମେଶ୍ୱର ମନ୍ଦିର, ଚହଟା, କଟକ,*
*ଦୂରଭାଷ : ୯୮୬୧୯୪୪୫୯୪*

# ସୋସିଆଲ ଟ୍ରେଣ୍ଡରେ ଧୁମ୍ ମଚାଉଛି


ଅନୁପମା ଭୂୟାଁ

'ଧନ୍‌କେ ଦେଖଲୁ ତୁଇ ନନୀ ସିନା ମନ୍‌କେ ଚିହ୍ନିଲୁ ନାହିଁ; ସୁନା କେ ଚିହ୍ନଲୁ, ବାନାକେ ଚିହ୍ନଲୁ, ମନୁଷ ଚିହ୍ନଲୁ ନାଇଁ...... ଗୁଟେ ଦିନ ମିଶା ଜଗିଦେଲୁ ନାଇଁ, କେଡ଼େ କଥା କରିଦେଲୁ, ମୁଇଁ ଗାଁ ଯାଇକରି ଆସିଲା ବେଳେ କେନ୍‌ତା ପାଶରି ଦେଲୁରେ ନନୀ, ଛି ଛି ଛିରେ ନନୀ ଛି ଛି..'-କୋରାପୁଟିଆ ଦେଶୀଆ ଗୀତ 'ଛି ଛି ଛି ରେ ନନୀ ଛିଛି.... ' ସୋସିଆଲ ଟ୍ରେଣ୍ଡରେ ନବେ ଦଶକର ଏହି ଗୀତଟି ଏବେ କେବଳ ଯୁବ ବର୍ଗଙ୍କ ମନକୁ ଛୁଇଁନି ଛକର ଖଟି ଠାରୁ କ୍ଲାସରୁମ୍, ବସ ଭିତରର ଗୀତ ଧୁନ୍ ଠାରୁ ବଜାର ନାଚର ମାହୋଲ ଭିତରେ ଏହା ଏବେ ଶ୍ରୋତାବର୍ଗଙ୍କୁ ଏକ ପ୍ରକାର ମତୁଆଲା କରିଛି କହିଲେ ଅତ୍ୟୁକ୍ତି ହେବନାହିଁ। ତେବେ ଏହି ଗୀତଟିର ଅସଲ ଅର୍ଥଟି ହେଉଛି ପାରମ୍ପରିକ ପ୍ରେମ କାହାଣୀର ଘଟଣା ଭିତରେ ଗୀତର ନାୟକ ଗାଁକୁ ଯାଇଛି। ନାୟିକାକୁ କହିଛି 'ତୁ କିଛି ଚିନ୍ତା କରନା। ମୁଁ ତୋ ପାଇଁ ସବୁ କିଣି ଦେବି। ଛେଳି ବିକି ଦେବି, ମେଣ୍ଢା ବିକି ଦେବି, ତୋତେ ମୁଁ ସୁଖରେ ରଖିବି।' ହେଲେ ସେ ଗାଁକୁ ଆସିବା ପୂର୍ବରୁ ଝିଅର ବାପା ଘର ଲୋକେ ଧନୀ ଘର ପୁଅ ସଙ୍ଗେ ବାହା ଦେବା ପାଇଁ ସ୍ଥିର କରିଦେଉଛନ୍ତି। ନାୟକ ଗାଁକୁ ଫେରି ସବୁ ଜାଣିବା ପରେ ତାଙ୍କର ମନ ଭାଙ୍ଗି ଯାଉଛି। ସେ ଦୁଃଖରେ ଭାଙ୍ଗି ପଡ଼ି ନିଜର ମନର ମାନସାକୁ ଝରି ବେଦନା ଜଣାଉଛି। ପାଖାପାଖି ୩୨ ବର୍ଷ ତଳେ ଏହି ଗୀତଟି ରେକର୍ଡ଼ିଂ ହୋଇଥିଲା ଆଜିର ସାର୍ଥକ ମ୍ୟୁଜିକ କମ୍ପାନୀ ବ୍ୟାନରରେ। ଏହି ଗୀତଟିର କଣ୍ଠଶିଳ୍ପୀ ଥିଲେ ଜୟପୁର ସହରର ଜଣେ ଜଣାଶୁଣା ଆଇନଜୀବୀ ଓ ଆକାଶବାଣୀର ସ୍ୱୀକୃତି ପ୍ରାପ୍ତ କଣ୍ଠଶିଳ୍ପୀ ସ୍ୱର୍ଗତଃ ସତ୍ୟନାରାୟଣ ଅଧିକାରୀ। ସ୍ୱର୍ଗତଃ ଅଧିକାରୀ ଏହାକୁ ନିଜେ ଲେଖିବା ସହ କଣ୍ଠଦାନ କରିଥିଲେ।

୧୯୯୨ ମସିହାରେ ସ୍ୱର୍ଗତଃ ସତ୍ୟନାରାୟଣଙ୍କ ଏହି ବାଲିଫୁଲ କ୍ୟାସେଟ ରେକର୍ଡ଼ିଂଟି ହୋଇଥିଲା ଯେଉଁ ସମୟରେ ଆଜିକାଲି ପରି ସୋସିଆଲ ମିଡ଼ିଆର ଅତ୍ୟାଧୁନିକ ସଂଗୀତର ବ୍ୟବସ୍ଥା ନଥିଲା ଯାହା ଟେପ ରେକର୍ଡ଼ର ମାଧ୍ୟମରେ ଗୀତ ଶୁଣିବା ହେଉଥିଲା। ପରବର୍ତ୍ତୀ ସମୟରେ ଅର୍ଥାତ୍ ୨୦୦୪ରେ ସମ୍ବଲପୁରର ମାନଭଞ୍ଜନ ନାୟକଙ୍କୁ ନେଇ ଏହି ଗୀତର ଭିଡ଼ିଓ ମଧ୍ୟ ପ୍ରସ୍ତୁତ ହୋଇଥିଲା। ଯେଉଁଥିରେ ବିଭୂତି ଭୂଷଣ ବିଶ୍ୱାଳ ବେଶ ହୃଦୟସ୍ପର୍ଶୀ ଅଭିନୟ କରି ନିଜର ମନର ମାନସିକୁ ଝୁରି ହୋଇ ବେଦନା ଜଣାଉଥିବାର ନିଖୁଣ ଅଭିନୟ କରିଥିଲେ। ବର୍ତ୍ତମାନ ସମୟରେ ଗାଁରୁ ସହର ସବୁଠି ହଜାର ହଜାର ଯୁବ ବର୍ଗ ଏହି ହିଟ ଗୀତକୁ ନେଇ ନିଜେ ରିଲ ପ୍ରସ୍ତୁତ କରି ମୋବାଇଲରେ ଛାଡ଼ୁଛନ୍ତି। ସେ ସମୟରେ 'ବାଲିଫୁଲ'ରେ ଆଠଟି ଗୀତକୁ ନେଇ କ୍ୟାସେଟଟି ତିଆରି ହୋଇଥିଲା। ଚାରଟି ଗୀତ ସୁପରହିଟ ପର୍ଯ୍ୟାୟକୁ ଯାଇଥିଲା ଏହି ଗୀତଟି ଓଡ଼ିଶା ଅପେକ୍ଷା ସେତେବେଳେ ଛତିଶଗଡ଼ ଓ ଆନ୍ଧ୍ରପ୍ରଦେଶରେ ଚହଳ ସୃଷ୍ଟି କରିଥିଲା। ସାଉଥ ଓ ତାମିଲ ଫିଲ୍ମରେ ମଧ୍ୟ ଏହି ଗୀତଟି ବ୍ୟାପକ ଲୋକାଦୃତ ହୋଇଥିଲା। ଓଡ଼ିଶାର ପ୍ରାଚୀନ ପରମ୍ପରା, ନାଚଗୀତ ଓ ଅନେକ ସଂସ୍କୃତି ଆଜି ମଧ୍ୟ ଏକ ପ୍ରକାର ପ୍ରଚାର ପ୍ରସାର ଅଭାବରୁ ସମୟର ଉହାଡ଼ରେ ରହି ଯାଉଛି। ଆମ ସମୟରେ ଏତେ ପୁରୁଣା ଗୀତଟି ବର୍ତ୍ତମାନ ସମୟରେ ସୋସିଆଲ ମିଡ଼ିଆରେ ଯେଉଁପରି ଟ୍ରେଣ୍ଡରେ ହଇଚଇ ସୃଷ୍ଟି କରିଛି ତାହା ପ୍ରମାଣିତ କରିଛି ଯେ ସଂଗୀତର ଅନ୍ତରାର୍ଥ ଓ ଭାବସ୍ପର୍ଶୀ ଯାଦୁ ଦିନେ ନା ଦିନେ ଶ୍ରୋତାବର୍ଗଙ୍କୁ ବାନ୍ଧିପାରିବ। ସ୍ୱର୍ଗତଃ ସତ୍ୟନାରାୟଣ ଅଧିକାରୀଙ୍କ ପରି ଅନେକ ଯୁବ କଣ୍ଠଶିଳ୍ପୀ ଏବେ ବି ସେମାନଙ୍କ କଣ୍ଠର ଯାଦୁକୁ ପ୍ରଚାର ପ୍ରସାର କରିବା ପାଇଁ ସମର୍ଥ ହୋଇପାରୁନାହାଁନ୍ତି। ସେମାନଙ୍କ ପାଇଁ ପ୍ରେରଣା ଓ ପୃଷ୍ଠପୋଷକତା ନିଶ୍ଚିନ୍ତ ଜରୁରୀ। ଆମ୍ଭ ମାନଙ୍କର ଭଲ ପାଇବା ରହିଲେ ଅନେକ ଏପରି ଚର୍ଚ୍ଚିତ ଗୀତ ଲୋକଲୋଚନକୁ ଆସିପାରିବ। ଗୀତର ପ୍ରେମିକଟି ହୁଏତ ତା ନାୟିକାକୁ ପାଇପାରିନି, ତାର ବିରହ ବେଦନା ଭିତରେ ସେ ଆରମ୍ଭ କରିଛି 'ଛି ଛି ଛିରେ ନନୀ ଛି' କିନ୍ତୁ ସୋସିଆଲ ମିଡ଼ିଆରେ ଛିନଛତର କରିଦେଇଛି ନବେ ଦଶକର ଏହି ଦେଶୀଆ ଗୀତ ଛି ଛି.....।

*'ସାଇବିଥି' ୭ଡ଼ି/୧୩୫୪,*
*ସେକ୍ଟର-୯, ସିଡିଏ, କଟକ*

# ବିଶ୍ୱାସରେ ବିଷ


ତ୍ରିନାଥ ଓଝା

ସୃଷ୍ଟି ତିଆରି ହୋଇଛି ହଳାହଳ ବିଷରୁ। ଆମ୍ଭ ମାନଙ୍କ ମଧ୍ୟରୁ ଯେଉଁମାନେ ନିଶା ସେବନ କରୁଛୁ ଏହା ମଧ୍ୟ ବିଷ। ଆମ ସୃଷ୍ଟି, ସ୍ଥିତି ମଧ୍ୟ ବିଷ ତେବେ ଆମ୍ଭେମାନେ ଏ ବିଷ ଚକ୍ରରୁ କ'ଣ ମୁକ୍ତ ହୋଇପାରିବା ନାହିଁ? ବର୍ତ୍ତମାନ ସମୟକୁ ଦେଖନ୍ତୁ କେଉଁଠି ପତ୍ନୀ ପତୀକୁ ବିଷ ଦେଲାଣି ତ କେଉଁଠି ଭାଇ ଭାଇକୁ। ଚାକର ମାଲିକକୁ, ତଳ କର୍ମଚାରୀ, ଉପର ବାବୁକୁ ବିଷ ଦେବାକୁ ପଛାଉ ନାହାଁନ୍ତି। ସହୃଦୟ ପାଠକ ବର୍ଗଙ୍କୁ ଏଇଥିପାଇଁ ଏ କଥା ଲେଖୁଛି ଏକ ବ୍ୟକ୍ତିଗତ ଓ ଅଙ୍ଗେନିଭା ଘଟଣାରୁ। ସିଡିଏ ସେକ୍ଟର-୯ସ୍ଥିତ ଶିଶୁ ମନ୍ଦିର ସାମ୍ନାରେ ମୋର ଛୋଟ କାଟିଆ ଗୁଜୁରାଣର ଦୋକାନଟି। ଆମ ପଡ଼ୋଶୀ ଭାବେ ଜଣେ ଭଦ୍ର ମହିଳା ରାସ୍ତାରେ ଜନ୍ମ ନେଇଥିବା ଚାରଟି ଅସହାୟ କୁକୁର ଛୁଆଙ୍କୁ ଜନ୍ମ ସମୟରୁ ହିଁ ବେଶ ଆଦର ଯତ୍ନ କରି ବଢ଼ାଉଥିଲେ। ଏପରିକି ତାଙ୍କ ଶ୍ୱଶୁରଙ୍କ ପରଲୋକ ହୋଇଥିଲେ ମଧ୍ୟ ସେ କୁକୁର ଛୁଆଙ୍କ ପାଇଁ ମୋତେ ଦାୟିତ୍ୱ ନ୍ୟସ୍ତ କରି ତାଙ୍କ ଗାଁକୁ ଯାଇଥିଲେ। ସେ ଚାରଟି ଛୁଆଙ୍କ ଭିତରୁ ଗୋଟିଏ ଛୁଆଟି ଗାଡ଼ି ଧକ୍କାରେ ଜୀବନ ହାରିଲା। ଆଉ ଯେଉଁ ତିନୋଟି ରହିଲେ ତାଙ୍କ ମାଆ ସମେତ ସେ ତିନୋଟି ପିଲାକୁ ଶୀତ ଥଣ୍ଡା ଭିତରେ ନିୟମିତ ଖାଇବା ସହିତ ବେଶ ସଯତ୍ନ ସ୍ନେହ ଆଦର କରୁଥିଲେ। ଏହି ଦୁଇଦିନ ତଳେ ସେମାନଙ୍କ ଭିତରୁ ଗୋଟିଏ ଛୁଆ ଅଚାନକ ରୁଗଣ ହୋଇଗଲା। ସେ ଭଦ୍ର ମହିଳାଙ୍କୁ ମୁଁ ଲକ୍ଷ୍ୟ କରୁଥାଏ ସେ ବେଶ ବିଚଳିତ ହୋଇ ନିଜ ପିଲାଙ୍କ ପରି ଯତ୍ନ ଆଦରରୁ ସାମାନ୍ୟ ବିଚ୍ୟୁତି ନହୋଇ ମଣିଷ ପିଲାଙ୍କ ପରି ସ୍ନେହ ଆଦର କିନ୍ତୁ ବଢ଼ାଇ ଚାଲିଥିଲେ। ମୁଁ ଲକ୍ଷ୍ୟ ରଖିଛି ତାଙ୍କ ଭାବ ପ୍ରବଣତା ଏତେ ଗମ୍ଭୀର ଯେ କୌଣସି କୁକୁର ଛୁଆକୁ କୌଣସି ବାହାର ଲୋକ ବା ଗାଡ଼ିର ସାମାନ୍ୟ ଆଘାତ ସିଏ ସହ୍ୟ କରିପାରନ୍ତି ନାହିଁ। ସେମାନଙ୍କ ସହ ବେଶ ଯୁକ୍ତିତର୍କ ମଧ୍ୟ କରିବାକୁ ପଛେଇ ନଥାନ୍ତି। ଗୋଟିଏ ଛୋଟ ଛୁଆଟି ଅସୁସ୍ଥ ହୋଇଗଲା ପରେ ସେ ସ୍ଥାନୀୟ ପଶୁ ଡାକ୍ତରଙ୍କ ସାହାଯ୍ୟ ମଧ୍ୟ ନେଲେ। ହେଲେ ଅଚାନକ ସେ ଛୋଟ କୁକୁର ଛୁଆଟି ସହ ତାର ଅନ୍ୟ ଦୁଇ ଛୁଆ ସମସ୍ତେ ଏକା ଦିନକେ ହିଁ ମରିଗଲେ। ଏବେ ପ୍ରବଳ ଥଣ୍ଡା ପଡ଼ିଛି ଅନେକ ସମୟ ବିଳମ୍ବିତ ରାତି ପର୍ଯ୍ୟନ୍ତ ସେ କୁକୁର ଛୁଆ ମାନଙ୍କୁ ଖାଦ୍ୟ ନ ଦେଇ ନିଜେ ବିଶ୍ରାମ ନେବାକୁ ଯାଆନ୍ତି ନାହିଁ କିମ୍ବା ତାଙ୍କ ଘର ତାଲା ପଡ଼େ ନାହିଁ। ରାସ୍ତାକଡ଼ର ଚାରଟି କୁକୁର ଛୁଆ ପ୍ରତି ତାଙ୍କର ଭଲ ପାଇବା ଓ ମୁକ ପଶୁ ମାନଙ୍କ ପ୍ରତି ତାଙ୍କ ଆବିଳତା ମୋତେ ଆଶ୍ଚର୍ଯ୍ୟ କରିଦେଇଥିଲା। ସାମାନ୍ୟ ମାତ୍ର ଘୃଣା ନକରି କୁକୁର ଛୁଆଁଙ୍କୁ ସେ ହାତରେ ଧରି ତାଙ୍କୁ ମଣିଷ ପିଲାଙ୍କ ପରି ସ୍ନେହ ଆଦରର ଦୃଶ୍ୟ ମୋତେ ବିଚଳିତ କରିଦେଇଥାଏ।

ତେବେ ଅସଲ ଆଲୋଚନାଟି ଏଇଠୁ ମୁଁ ଆରମ୍ଭ କରୁଛି। କେହି ଖାଦ୍ୟରେ ବିଷ ଦେଇ ସେ ମାଆ କୁକୁରଟିର ତିନୋଟି ଛୁଆକୁ ମାରି ଦେଇଥିବାର ଆଶଙ୍କା କରି ସେ ଭଦ୍ର ମହିଳା ଅତ୍ୟନ୍ତ ମ୍ରିୟମାଣ ହୋଇପଡ଼ିଲେ। ଏକ ପ୍ରକାର ଶୋକ ଜର୍ଜରିତ ଭାବନାରେ ତାଙ୍କ ଅସହାୟତା ଭିତରେ କିନ୍ତୁ ମୁଁ ଲକ୍ଷ୍ୟ କରୁଥାଏ ତାଙ୍କର ଏ କଥା କହିପାରୁନଥିବା ପଶୁ ମାନଙ୍କ ପ୍ରତି ଏପରି ଅମାପ ସ୍ନେହ। ସେ ଭଦ୍ର ମହିଳାଙ୍କ ପରିବାର ଜଣେ ଧର୍ମାଶ୍ରୀତ ପରିବାର। ପଶୁପକ୍ଷୀ କ'ଣ ସ୍ଥାନୀୟ ପଡ଼ୋଶୀ, ଅତିଥି ଓ ଅଭ୍ୟାଗତ, ଅସହାୟ, ଦୁଆର ମୁହଁକୁ ଆସିଥିବା ଭିକାରୀ ଯିଏ ବି ହୁଅନ୍ତୁ କାହାଙ୍କୁ ସେ ଖାଲି ହାତରେ ଫେରାନ୍ତି ନାହିଁ। ତେବେ ତାଙ୍କ ଆଶଙ୍କା ଯଦି ସତ ହୋଇଥାଏ! ସତରେ ସେ ମୁକ ତିନୋଟି କୁକୁର ଛୁଆଙ୍କୁ କ'ଣ କିଏ ବିଷ ଦେଇଦେଲା କ'ଣ କ୍ଷତି କରୁଥିଲେ ଏହି ତିନୋଟି କୁକୁର ଛୁଆ? ଆମେ ଭଲ ଭାବେ ଜାଣିଛେ ମଣିଷ ଜୀବନରେ ମଣିଷ ଠାରୁ କୁକୁର ବେଶୀ ବିଶ୍ୱସ୍ତ। ମାଲିକର ସୁରକ୍ଷା ପାଇଁ କୁକୁରଟି ଜୀବନ ଦେଇ ଦଉଥିବାର ଅନେକ ଘଟଣା ଆମେ ଦେଖିଛୁ ଓ ଶୁଣିଛୁ ମଧ୍ୟ। କୁକୁର ଠାରୁ ବିଶ୍ୱସ୍ତ, ଅନୁଗତ ଓ ସେବାକାରୀ ଏ ସୃଷ୍ଟିରେ କେହି ନାହାନ୍ତି। ସତରେ ଏ ଦୁନିଆରେ ବିଷର ଭାବନା କାହିଁକି ରହିଛି? କେଉଁଠି କ୍ଷମତା ପାଇଁ ବିଷ, କେଉଁଠି ଜାଗା ଖଣ୍ଡେ ପାଇଁ ବିଷ। ମୁଁ ମୁଣ୍ଡ ଗୁଞ୍ଜିଥିବା ଆମ ଧବଳେଶ୍ୱର ଗଡ଼ା କଥାଟି ବି ଲେଖୁଛି। ସେଠି ନିରୀହ ଅସହାୟ ଲୋକ କିଛି ଠକଙ୍କ ବିଷ ଜାଲରେ ପଡ଼ି ସରକାରୀ ଜାଗାରେ ମୁଣ୍ଡ ଗୁଞ୍ଜିଲେ ଏବେ ସେ ବିଷଚକ୍ର ଭାଙ୍ଗି ଏକ ପ୍ରକାର ତଦନ୍ତର ତାଣ୍ଡବ ଆରମ୍ଭ ହୋଇଗଲାଣି। ମଣିଷ ବଞ୍ଚିଛି ଯେତିକି ପର୍ଯ୍ୟନ୍ତ ସର୍ବନିମ୍ନ ଜୀବନ ନେଇ ଅତିବାହିତ କରିବାରେ ବିଷଚକ୍ରକୁ ବାଦ ଦେଇ ଜୀବନ ବଞ୍ଚିବା ବା ହିଁ ଅସଲ ଜୀବନ। ବିଷଚକ୍ରର ମୃତ୍ୟୁ ଜାଲ ଭିତରେ ସେ ତିନୋଟି କୁକୁର ଛୁଆଙ୍କ ପରି ଆମ୍ଭେ ମାନେ ମଧ୍ୟ ଅନ୍ୟ ମାନଙ୍କ ବିଷ ଜାଲରେ ପଡ଼ୁଛେ। ଦିନ ଦି'ପ୍ରହରରେ ସାମ୍ନାରେ ମିଠା କଥା କହି ପେଟ ଭିତରେ ଆଉ ମନ ଭିତରେ ବିଷ ରଖି କୋଳେଇ ନେଉଥିବା ବନ୍ଧୁ ମାନଙ୍କୁ ଆମେ ବି ଚିହ୍ନିପାରୁନେ। ସେମାନଙ୍କର ସମାଜରେ ପ୍ରତିଷ୍ଠା ଅଛି, ବ୍ୟାଙ୍କରେ ଭଲ ବାଲାନ୍ସ ବି ଅଛି, ସୁନାରୂପାରେ କମ ନାହିଁ, ଘରବାଡ଼ି, ଥାଟବାଟ, ପ୍ରତିପତ୍ତି, ବାହୁବଳ କେଉଁଥିରେ କମ ନାହିଁ କିନ୍ତୁ ମନ ଭିତରେ ବିଷ। ସମ୍ପତ୍ତିରେ, କ୍ଷମତାରେ, ବାହୁବଳରେ ମିଛର ମିଥ୍ୟା ଚନ୍ଦନ କ'ଣ ପାଇଁ? ବାସ୍ତବରେ ବିଷଚକ୍ରରୁ ମୁକ୍ତି ପାଇବା ପାଇଁ ଆମ୍ଭ ମାନଙ୍କ ସାମ୍ନାରେ ସହଜତମ ରାସ୍ତା ମଧ୍ୟ ରହିଛି। ସର୍ବନିମ୍ନ ଜୀବନ ବଞ୍ଚିବା, ବାପା-ମାଆଙ୍କ ଜୀବନ୍ତ ଭଗବାନଙ୍କ ଆଶୀର୍ବାଦ ନେଇ ସତକର୍ମ ଓ ସତପଥରେ ଚାଲିଲେ ଆମ ସାମ୍ନାରେ ବିଷ କଣ୍ଟା କେହି ବି ପକାଇବାକୁ ସମର୍ଥ ହୋଇପାରିବେ ନାହିଁ। ସେ ବିଷ କଣ୍ଟାରୁ ଆମ୍ଭେମାନେ ନିଶ୍ଚୟ ମୁକ୍ତି ପାଇପାରିବା। ଆଜିର ବିଷଚକ୍ରର ଆଲୋଚନା ସେହି ମୁକ ତିନୋଟି କୁକୁର ଛୁଆଙ୍କ ପାଇଁ ସମର୍ପିତ କରୁଛି। ଭଗବାନ ସେମାନଙ୍କ ସମ୍ଭବତଃ ଜୀବନ ଚକ୍ରରୁ ମୁକ୍ତି ଦେଇ ଅନ୍ୟ କେଉଁ ଏକ ଜୀବନ ପାଇଁ ସମ୍ଭବତଃ ପ୍ରସ୍ତୁତ କଲେ। ସେ ଅମର ଆତ୍ମାଙ୍କ ପ୍ରତି ମୋର କୋଟି କୋଟି ପ୍ରଣାମ ଏବଂ ମୁକ ପଶୁ ମାନଙ୍କୁ ଅନାବିଳ ନିଃସ୍ୱାର୍ଥପର ମମତାର ଡୋରିରେ ବାନ୍ଧି ପାରିଥିବା ସେହି ଭଦ୍ର ମହିଳାଙ୍କୁ ମଧ୍ୟ ନମସ୍କାର ଓ ଧନ୍ୟବାଦ ଜଣାଉଛି।

*ଚମ୍ପାନାରାୟଣ ଚାରିଟେବୁଲ ଟ୍ରଷ୍ଟ,*
*ଧବଳେଶ୍ୱର ଗଡ଼ା, କଟକ,*
*ଦୂରଭାଷ :୯୨୩୮୬୦୨୮୨୫*

# ଶତ୍ରୁ ଭାବରେ ସାଧନା


ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ପ୍ରତିହିଂସା ପରାୟଣତା, ଯୌନାତୁରତା, ପ୍ରେମ, ହିଂସା, ପ୍ରକୃତି ଓ ପରିବେଶକୁ ଭଲ ପାଇବା, ଶଠତା ଓ ଠକାମି - ଏସବୁ ପ୍ରବୃତ୍ତି ମଣିଷ ସୃଷ୍ଟି ଠାରୁ ଆଜିଯାଏଁ ବଳବତ୍ତର ହୋଇ ରହିଛି। ସେଥିପାଇଁ କୁହାଯାଇଛି ଯେ ମଣିଷ ହିଁ ମଣିଷର ସବୁଠୁ ବଡ଼ ବନ୍ଧୁ ଏବଂ ମଣିଷ ହିଁ ମଣିଷର ସବୁଠୁ ବଡ଼ ଶତ୍ରୁ। କିନ୍ତୁ ମଣିଷ ଯେ ମଣିଷର ବଡ଼ ଶତ୍ରୁ ତାର ଇତିହାସ ଦୀର୍ଘତର। ଦୁର୍ବଳ ଉପରେ ସବଳର ଅତ୍ୟାଚାର ଏବଂ ସବଳକୁ ପ୍ରତିହତ କରିବା ପାଇଁ ଦୁର୍ବଳର ଜ୍ଞାନ କୌଶଳ ଉଣା ଅଧିକେ ସମସ୍ତଙ୍କୁ ଜଣା। ଏସବୁ ନିଜକୁ ବଞ୍ଚାଇବା ପାଇଁ ଏକ କୌଶଳ।

ଜୀବନରେ ଶତୃତା ଓ ଶଠତା ସମ୍ପର୍କରେ ଆଲୋଚନା କଲାବେଳେ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ରଙ୍କ କଥିତ ଆଧାତ୍ମିକ ପ୍ରସଙ୍ଗର 'ଶତୃ ଭାବରେ ସାଧନା ହୁଏ କି ନାହିଁ' ପ୍ରସଙ୍ଗଟି ଏଠାରେ ଉଦ୍ଧୃତ କରୁଛି। ଜନୈକ ବ୍ୟକ୍ତି ପଚାରିଲେ- ପୌରାଣିକ ବିଷୟକୁ ନେଇ ଯେଉଁସବୁ ନାଟକ ଦେଖାଯାଏ ତା' ମଧ୍ୟରେ ବେଶୀଭାଗ ବହିରେ ସାଧନାକୁ ଶତ୍ରୁ ଭାବରେ ବଡ଼କରି ଦେଖାଇ ଦିଆଯାଇଛି। ଶତ୍ରୁ ଭାବରେ ଭଗବାନଙ୍କର ଉପାସନାଟା କେଉଁ ପ୍ରକାର?

ଏହାର ଉତ୍ତରରେ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର ଶତ୍ରୁ ଭାବରେ ପୁଣି ସାଧନା କ'ଣ ହୁଏ? ଏହା (ହୀନମନ୍ୟତା)ର କଥା। ଲେଖକ ମାନଙ୍କ ଭିତରେ (ହୀନମନ୍ୟତା)ରହିଲେ, ତାହା କଲମ ମାଧ୍ୟମ ଦେଇ ବାହାରି ଆସେ। କଲ୍ୟାଣକାମୀ ସତ୍ ଓ ଶକ୍ତିମାନ ଯେଉଁମାନେ, ସେମାନେ ଦୁର୍ନୀତି ପରାୟଣ ଦକ୍ଷ ଯେଉଁମାନେ ସେମାନଙ୍କର ଦୁର୍ନୀତିକୁ ନିରୋଧ କରିବାକୁ ନିଶ୍ଚେଷ୍ଟ ରହନ୍ତି ନାହିଁ। ଦୁର୍ନୀତି ପରାୟଣ ଦକ୍ଷ ଓ ରାବଣ ଭଳି ଯେଉଁମାନେ, ସେମାନେ ଯଦି ଠିକ୍ ସେହି ସମୟରେ ନିଜକୁ ସଂଶୋଧନ କରିଦିଅନ୍ତି, ତାହା ହେଲେ ହୁଏତ ବଞ୍ଚି ଯାଇପାରନ୍ତି, କିନ୍ତୁ ତାହା ଯଦି ନ କରନ୍ତି, ତେବେ ସତ୍ ଓ ଶୁଭ ଶକ୍ତିର ନିକଟରେ ସେମାନେ ପରାଭୂତ ହେବେ ହିଁ, ଯେପରି ହୋଇଥିଲା ଦକ୍ଷରାଜାର ପତନ, ରାବଣର ପତନ ଓ କଂସଙ୍କର ପତନ। ଏହିଟା ହେଲା ବିଧିର ବିଧାନ। ଏହାରି ମଧ୍ୟରେ ଭକ୍ତ-ଭଗବାନଙ୍କର କଥା ଆସେ କିପରି ? ଏହି ଧରଣର ପରିବେଷଣ ମଣିଷର ପ୍ରବୃତ୍ତିକୁ ହିଁ ପୁଷ୍ଟ କରିତୋଳେ। ଆପଣମାନେ ନୂଆ ଧରଣର ବହି ଲେଖି ଏହିସବୁ ଭୁଲକୁ ଭାଙ୍ଗିଦେବେ। ଅସତ୍ ଯିଏ ତାକୁ ଅସତ୍ ବୋଲି ଜ୍ଞାତ କରାଇବା ଯୁକ୍ତିଯୁକ୍ତ ଅଟେ। ମାତ୍ର ଏହି ଧାରଣା ଉପରେ ରଙ୍ଗ ଚଢ଼ାଇ ଅବାନ୍ତର ତାତ୍ତ୍ୱିକତାର ଅବତାରଣା କରାଇବାରେ କିଛି ମାନେ ହୁଏ ନାହିଁ। ମଣିଷ ସେହିପ୍ରକାର ଅବତାରଣାରେ ବିଭ୍ରାନ୍ତ ହୁଏ, ଭାବର ଘୁ ଘୁ ବନାଇଯାଏ, ଅପକର୍ମ କରି ପୁଣି ମୁହଁରେ କହିଉଠେ-ଏହା ତ ଈଶ୍ୱରଙ୍କର ଇଚ୍ଛା। ମଙ୍ଗଳ-ସ୍ୱରୂପ ଯିଏ, ସ୍ୱେଚ୍ଛାରେ ଅମଙ୍ଗଳର ପଥରେ ଚାଲି ତାଙ୍କ ଦିଗରେ ଆଗେଇ ହୁଏ ନାହିଁ। ତେବେ ପରମପିତାଙ୍କର ରାଜ୍ୟରେ ଏକ ସୁବିଧା ଅଛି। ଯିଏ ଯେତେ ହିଁ ଅପକର୍ମ କରୁ, ସତ୍ତାର ଅବଲୁପ୍ତି କେହି ଚାହାଁନ୍ତି ନାହିଁ। ତେଣୁ ଅପକର୍ମ ଯେତେବେଳେ ନିଧନ ଡାକି ଆଣିବାକୁ ଚାହେଁ ସେତେବେଳେ ସତ୍ତା ତାହାର ଆତ୍ମରକ୍ଷାର ତାଗିଦରେ ଅପକର୍ମଠାରୁ ନିବୃତ୍ତ ହେବାର ପ୍ରେରଣା ମନୁଷ୍ୟକୁ ଯୋଗାଏ। ସେହି ସମୟରେ ଯଦି ମଣିଷ ଫେରେ, ତାହା ହେଲେ ବି ପଥ ଥାଏ।

ଅନ୍ୟ ଜଣେ ପଚାରିଲେ- ଲୋକମାନେ କହନ୍ତି – ଶତ୍ରୁ ଭାବରେ ଡାକିଲେ ଶତ୍ରୁର ଧ୍ୟାନ ସର୍ବଦା ରହିଥାଏ, ତେଣୁ ସହଜରେ ଭଗବାନଙ୍କୁ ପାଏ। ଏହାର ଉତ୍ତରରେ ପ୍ରେମମୟ ଭଗବାନ ଶ୍ରୀ ଶ୍ରୀଠାକୁର ଅନୁକୂଳଚନ୍ଦ୍ର ଅପକର୍ମ ଯେ କରିଥାଏ, ପୋଲିସର ଧ୍ୟାନ ତ ତା'ର ଲାଗି ହିଁ ରହିଥାଏ। ସେ ଅବସ୍ଥାରେ ସେ ପୋଲିସ୍ ନିକଟକୁ ଆଗେଇବାକୁ ଚାହେଁ ନା ପୋଲିସ ଠାରୁ ଦୂରରେ ରହିବାକୁ ଚାହେଁ?

ଆମେ ଯାହାକୁ କୌଶଳ ବୋଲି କହୁଛେ, ତାହା ପ୍ରକୃତରେ ଶଠତା ବା ଠକାମି ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ। ମହାଭାରତରେ ଅର୍ଜୁନଙ୍କୁ ଧନୁର୍ବିଦ୍ୟାରେ ଶ୍ରେଷ୍ଠତା ହେବା ପାଇଁ ଗୁରୁ ଦ୍ରୋଣାଚାର୍ଯ୍ୟ ମହାବିକ୍ରମୀ ଶୂଦ୍ରପୁତ୍ର ଏକଲବ୍ୟର ଦକ୍ଷିଣ ହସ୍ତର ବୃଦ୍ଧାଙ୍ଗୁଳିକୁ ଗୁରୁ ଦକ୍ଷିଣା ଭାବେ ମାଗି ନେଇଥିଲେ। ଉଦ୍ଦେଶ୍ୟ ଥିଲା ରାଜାଙ୍କ ଦ୍ୱାରା ଧନସମ୍ପତ୍ତି ପାଇଁ ଅନୁଗୃହୀତ ହେବା। ଏପରିକି ଅର୍ଜୁନଙ୍କ ଶ୍ରେଷ୍ଠତ୍ୱ ପ୍ରତିପାଦନ କରିବା ଲାଗି ନିଜ ପୁତ୍ର ଅଶ୍ୱତ୍ଥାମାଙ୍କ ନାମ ଅର୍ଜୁନଙ୍କ ତଳେ ରଖିଦେଇଥିଲେ। ଅନୁରୂପ ଭାବରେ ଶଠତା ଆଚରଣ ପୂର୍ବକ ଦଶରଥଙ୍କୁ ପ୍ରଭାବିତ କରି କୈକେୟୀ ରାମଚନ୍ଦ୍ରଙ୍କୁ ୧୪ ବର୍ଷ ବନବାସ ପଠାଇଥିଲେ। ରୋମ ସାମ୍ରାଜ୍ୟରେ ଜୁଲିୟସ୍ ସିଜରଙ୍କ ପ୍ରତି ତାଙ୍କ ବିଶ୍ୱସ୍ତ ବନ୍ଧୁ ବ୍ରୁଟସ୍‌ଙ୍କ ବିଶ୍ୱାସଘାତକତା ପୃଥିବୀ ଇତିହାସରୁ କେବେ ଲିଭିବାରେ ନୁହେଁ। ଆମେ ସମସ୍ତେ ଲୋକକଥାରୁ ଜାଣୁ ବିଲୁଆ ଓ କୁମ୍ଭୀରର ବନ୍ଧୁତା ଓ ବିଲୁଆର ଘୋର ହିଂସ୍ର ପ୍ରତାରଣାର କଥା। ଅଙ୍ଗରକ୍ଷୀ, ଭୃତ୍ୟ ଓ ପାଚକ ମାନଙ୍କ ଦ୍ୱାରା ପ୍ରତାରିତ ହୋଇ ଅନେକ ରାଜା, ମହାରାଜା ଓ ରାଜନୈତିକ ନେତା ମୃତ୍ୟୁବରଣ କରିବା ଭଳି ଘଟଣା ଜନମାନସକୁ ଚକିତ କରିଆସିଛି। କିନ୍ତୁ ସାମ୍ପ୍ରତିକ ସମୟରେ ଏହି ଶଠତା ଓ ଠକାମି ନିତିଦିନିଆ ଘଟଣାରେ ପରିଣତ ହେଲାଣି। ଏହି ଠକାମି ଗୁଣଟି ଏତେ ମାତ୍ରାରେ ବୃଦ୍ଧି ପାଇଛି ଯେ ତାହାକୁ ମଧୁମେହ ଓ କର୍କଟ ଭଳି ଜୀବନ ନାଶକାରୀ ବ୍ୟାଧି ସହ ମଧ୍ୟ ତୁଳନା କରାଯାଇପାରେ। ରାଜନେତାମାନେ ଠକୁଛନ୍ତି ସାଧାରଣ ଜନତାଙ୍କୁ, ବେପାରୀ ଠକୁଛି ଗ୍ରାହକଙ୍କୁ, ପ୍ରେମିକ ଠକୁଛି ପ୍ରେମିକାକୁ, ସ୍ୱାମୀସ୍ତ୍ରୀ ଠକୁଛନ୍ତି ପରସ୍ପରକୁ, ଶିକ୍ଷକ ଠକୁଛି ଛାତ୍ରକୁ, ଓକିଲ ଠକୁଛି ମହକିଲକୁ, ଆୟକରଦାତା ଠକୁଛି ସରକାରଙ୍କୁ – ଏପରି ଦେଖିଲେ ପୁରା ପୃଷ୍ଠାଟି ସମ୍ପାଦକୀୟରେ ଯିବ।

ତେବେ ଏ ଠକାମି କାହିଁକି ? ଏହା ପଛରେ ମଣିଷ ମନରେ ଥିବା ଏକ ଅସୁରକ୍ଷିତ ଭାବନା ରୂପୀ ଅଜଣା ଭୟ ହିଁ କାରର ଭାବେ ଛପି ରହିଛି। କିନ୍ତୁ ଜାଣିରଖିବାକୁ ପଡ଼ିବ ଯେ ମଣିଷ ଜୀବନରେ ଏମିତି ଏକ ଖେଳ ଅଛି ଯେଉଁଠି ଉଭୟ ପକ୍ଷ ବିଜୟୀ ହୁଅନ୍ତି। ଯିଏ ସେହି ବିଜୟର ସୂତ୍ରଟି ଜାଣିପାରିଛି ସିଏ ଏକ ଉନ୍ନତତର ଜୀବନଯାପନର ବାଟ ପାଇପାରିଛି। କାରଣ ଏ ପୃଥିବୀରେ ଥରେ ଜନ୍ମ ନେଲେ ଖସି ଯିବାର ବାଟ ନାହିଁ। କେଉଁଠି ନା କେଉଁଠି ଦିନେନା ଦିନେ ଠକାମିରେ ଲିପ୍ତ ଥିବା ମଣିଷ ନିଶ୍ଚୟ ଝୁଣ୍ଟିବ ଏବଂ ତାହା ଶେଷରେ ଅପକ୍ଷାତିର ଗ୍ଲାନିପୂର୍ଣ୍ଣ କରୁଣ ପରିଣତି ହିଁ ତାର ଭାଗ୍ୟଲିପି ହେବ।

*ସହ-ପ୍ରତିରଦ୍ୱିକ, ପ୍ରଫେସର,*
*ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,*
*ଦୂରଭାଷ : ୯୪୩୭୦୫୧୯୫୭*

# ଗଣ୍ଠି ଯନ୍ତ୍ରଣା କମ୍ କରନ୍ତୁ


ନାରାୟଣ ଚନ୍ଦ୍ର ବିଶ୍ୱାଳ

୩୦ ବର୍ଷ ବୟସରୁ କମ୍ ଯୁବପିଢ଼ି ବେଶୀ ମାଂସପେଶୀ ଓ ଗଣ୍ଠି ଯନ୍ତ୍ରଣା ଭୋଗୁଛନ୍ତି। ଅବ୍ୟବସ୍ଥିତ ଜୀବନଶୈଳୀ ଯୋଗୁ ଏହା ହେଉଛି। ଖେଳ ଛାଡି ଏମାନେ ବେଶୀ ସମୟ ଟିଭି ଓ ମୋବାଇଲରେ ଦେଉଛନ୍ତି ଯାହା ସେମାନଙ୍କୁ ରୋଗଗ୍ରସ୍ତ କରିଦେଉଛି। ବ୍ୟାୟାମ ବି ସେମାନେ କରିବା ଲାଗି ଆଗ୍ରହୀ ହେଉନାହାନ୍ତି। ଯୁବପିଢ଼ିଙ୍କ ପସନ୍ଦର ଖାଦ୍ୟରେ ଅଧିକ ଫ୍ୟାଟ ଓ ସୁଗାର ରହୁଥିବାରୁ ତାହା ସେମାନଙ୍କୁ କମ୍ ବୟସରୁ ମୋଟା କରିଦେଉଛି। ଏସବୁ କାରଣଗୁଡ଼ିକ ଲାଗି ସେମାନେ କ୍ରୋନିକ ଜଏଣ୍ଟ ପେନ୍‌ର ଶିକାର ହେଉଛନ୍ତି। ମୁଖ୍ୟତଃ ଶୀତରେ ଗଣ୍ଠି ଯନ୍ତ୍ରଣା ଜୀବନକୁ ଅସ୍ତବ୍ୟସ୍ତ କରିପକାଉଛି। ଶୀତ ସକାଳେ ବ୍ୟାୟାମ ନକରି ଘରେ ବସିରହିବା ହିଁ ଗଣ୍ଠି ଯନ୍ତ୍ରଣାର କାରଣ। ଶୀତଦିନେ ମସ୍କୁଲୋସ୍କେଲିଟାଲ ପେନ୍ ବେଶୀ ହେବାର ପ୍ରକୃତ କାରଣ କ'ଣ ତାହା ଜଣାପଡ଼ି ନଥିଲେ ବି କରାଯାଇଥିବା କେତେକ ଗବେଷଣାରୁ ଏହା ହେଉଛି। ବାୟୁମଣ୍ଡଳର ଚାପ କମ୍ ରହିବା ଯୋଗୁଁ ଗଣ୍ଠିଫୁଲା ଓ ଯନ୍ତ୍ରଣା ହେଉଛି। ଶୀତରେ ଷ୍ଟିଫନେସ ବି ଅତ୍ୟଧିକ ହେବା ଲକ୍ଷ୍ୟ କରାଯାଉଛି। ଜଏଣ୍ଟ ଫ୍ଲୁଇଡ଼ରେ ଇମ୍ୟୁନୋଲୋଜିକାଲ ପରିବର୍ତ୍ତନ କମ୍ ଚାପ ଯୋଗୁଁ ହୁଏ ଯାହା ସିନୋଭିୟମ ବା ଜଏଣ୍ଟ ଲାଇନ୍‌ର ଇନଫ୍ଲାମେସନ କାରଣ ହୋଇଥାଏ। ଏହା ଯୋଗୁଁ ଗଣ୍ଠିରେ ଧୀରେ ଧୀରେ ଯନ୍ତ୍ରଣା ବଢ଼ିଚାଲେ। ପ୍ରତି ୧୦ ଡିଗ୍ରୀ ତାପମାତ୍ରା କମିବାର ପ୍ରଭାବ ଗଣ୍ଠି ଉପରେ ପଡ଼େ ଓ ତାହା ଯନ୍ତ୍ରଣାକୁ ବି ବଢ଼ାଇଚାଲେ। ଚାପ ଓ ତାପମାତ୍ରା କମ୍ ଯୋଗୁଁ ଟିସ୍ୟୁ ଫୁଲି ଉଠେ ଯନ୍ତ୍ରଣାଦାୟକ ହୋଇଥାଏ। କମ୍ ତାପମାତ୍ରାରେ ଗଣ୍ଠି ଭିତରେ ଫ୍ଲୁଇଡ଼ ପ୍ରଭାବିତ ହୁଏ ଓ ଗଣ୍ଠି ଚାଳନାରେ ବାଧା ଆସେ।

ଆସନ୍ତୁ ଏ ସମ୍ପର୍କରେ ସଚେତନତା ଓ ସତର୍କତା ସମ୍ପର୍କରେ ଜାଣିବା। କ୍ଷୀର ଜାତୀୟ ଖାଦ୍ୟ ଭିଟାମିନ ଡିର ମୁଖ୍ୟ ଉତ୍ସ। ଏଣୁ ଏହା ଖାଇବା ଦରକାର। ବ୍ରୋକୋଲି ଓ ଶୀତଋତୁର ପନିପରିବା ପ୍ରଚୁର ଖାଆନ୍ତୁ। ଏଥିରୁ କ୍ୟାଲସିୟମ ଓ ଭିଟାମିନ ଡି ମିଳେ। ସାଚୁରେଟେଡ ଫ୍ୟାଟ, ଟ୍ରାନ୍ସଫ୍ୟାଟ୍, ଓମେଗା ୬ ଖ୍ୟାଟିଏସିଡ଼, ରିଫାଇନ୍ କାର୍ବୋହାଇଡ୍ରେଟ୍‌ଯୁକ୍ତ ଖାଦ୍ୟ ଇନଫ୍ଲାମେସନ କମ୍ କରେ। ଏଣୁ ଏଭଳି ଖାଦ୍ୟ ରହିବା ଦରକାର। ଗୋଲମରିଚ, ଗାଜର ଓ ବିଭିନ୍ନ ପ୍ରକାରର ଶାଗ ଖାଆନ୍ତୁ। ସାଲମନ ମାଛରୁ ଓମେଗା ଫ୍ୟାଟିଏସିଡ଼ ଓ ଭିଟାମିନ୍ ଡି ମିଳେ। ଏହା ଅସ୍ଥି ଓ ମାଂସପେଶୀ ଲାଗି ଭଲ। ରୁ୍ୟମାଟଏଡ଼ ଆର୍ଥ୍ରାଇଟିସ୍ ଲାଗି ୱାଲନଟ୍ ଖାଆନ୍ତୁ। ଶସ୍ୟଜାତୀୟ ଖାଦ୍ୟରୁ ଫାଇବର, ଆଣ୍ଟିଅକ୍ସିଡାଣ୍ଟ, ଭିଟାମିନ ଏବଂ ମିନେରାଲ୍ସ ମିଳେ। ଏହା ଅସ୍ଥି ଓ ଗଣ୍ଠି ପାଇଁ ଉପକାରୀ। ଅତି ଥଣ୍ଡା ଓ ଅତି ଗରମ ଖାଦ୍ୟ ଖାଆନ୍ତୁନି। ଥଣ୍ଡା ପାଣିରେ ସ୍ନାନ କରନ୍ତୁ ନାହିଁ। ଅଧିକ ପାଣି ପିଅନ୍ତୁ। ଏମିତିକି ମଧ୍ୟମ ସ୍ଥିତିର ହାଇଡ୍ରେସନ ଜଏଣ୍ଟ ପେନ୍ ବୃଦ୍ଧି କରେ। ମାଛ ତେଲରେ ଓମେଗା-୩ ଫ୍ୟାଟି ଏସିଡ଼ ରହିଛି। ଏହା ଇନଫ୍ଲାମେସନ ହ୍ରାସ କରେ ଓ ଗଣ୍ଠି ବ୍ୟଥା ବି ଦୂର ହୋଇଯାଏ। ଛଣାଛଣି ଓ ମିଠା ଜାତୀୟ ଖାଦ୍ୟ ମନା। କଞ୍ଚା ପରିବାରୁ ପ୍ରଚୁର ଭିଟାମିନ୍ ଓ ଆଣ୍ଟିଅକ୍ସିଡାଣ୍ଟ ଏବଂ ଡ୍ରାଏଫ୍ରୁଟ୍ସ ଓ ମାଛରୁ ଫ୍ୟାଟି ଏସିଡ଼ ମିଳେ। ଏହା ଗଣ୍ଠିର କ୍ଷତି ହେବାକୁ ଦିଏନି। ମାଂସପେଶୀ ଓ ଗଣ୍ଠିଯନ୍ତ୍ରଣା ସମ୍ପୂର୍ଣ୍ଣ ଉପଶମ ହେବାଯାଏ ଚିକିତ୍ସା କରନ୍ତୁ। ମାଇନର ଇଞ୍ଜୁରୀ ହୋଇଥିଲେ ବି ତାକୁ ଅଣଦେଖା କରନ୍ତୁନି।

ବ୍ୟାୟାମ ସମ୍ପର୍କରେ ସତର୍କତା ସମ୍ପର୍କରେ ଜାଣନ୍ତୁ। ୱେଟ ଟ୍ରେନିଂ ବି କରାଯାଇପାରେ। ୱେଟ ମେସିନ୍, ଫ୍ରିୱେଟସ ଏବଂ ରେଜିଷ୍ଟାନସ ବ୍ୟାଣ୍ଡ ବ୍ୟବହାର କରିପାରିବେ। ପ୍ରଥମେ ଧୀରେ ଧୀରେ କରନ୍ତୁ ଓ ତା'ପରେ ବଢ଼ାନ୍ତୁ। ସାଇକ୍ଲିଂ, ୱାକିଂ, ଏରୋବିକ୍ ଓ ସୁଇମିଂ ମାଂସପେଶୀ ଟାଣ କରେ। ଗଣ୍ଠିର ନମନୀୟତା ବୃଦ୍ଧି କରେ। ଘରେ କିମ୍ବା ଅଫିସରେ ଥିବାବେଳେ ଘଣ୍ଟାଏରୁ ଦୁଇଘଣ୍ଟା ଚାଲିବା ପାଇଁ ଚେଷ୍ଟା କରନ୍ତୁ। ଆଘାତପ୍ରାପ୍ତ ଗଣ୍ଠି ଲାଗି ବ୍ୟାୟାମ କରିବା ପୂର୍ବରୁ ୱାର୍ମଅପ୍ କରନ୍ତୁ। ଏହାଦ୍ୱାରା ମାଂସପେଶୀ ଓ ଗଣ୍ଠି ଅଧିକ କଷ୍ଟକର ବ୍ୟାୟାମ ଲାଗି ସକ୍ଷମ ହୋଇପାରିବ। ବ୍ୟାକ୍ ମସଲସ୍ ଓ ଷ୍ଟ୍ରେଚିଂ ସମସ୍ୟାକୁ କିଛି ଦୂର କରିଥାଏ। ଯଦି ବାହାରେ ବ୍ୟାୟାମ କରିପାରୁ ନାହାନ୍ତି ତେବେ ଇନ୍‌ଡୋର ବ୍ୟାୟାମ ଲାଗି ତାଲିକା ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ୧୦-୧୫ ମିନିଟ୍ ଖରାରେ ରୁହନ୍ତୁ। ଏହା ଶରୀରକୁ ଭିଟାମିନ୍ ଡି ଯୋଗାଇବ ଯାହା ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରିବ। ଗରମ ପୋଷାକ ନପିନ୍ଧି ବାହାରକୁ ଶୀତରେ ବାହାରନ୍ତୁନି। ହଠାତ୍ ଥଣ୍ଡା ଓ ଗରମ ପରିବେଶକୁ ଯିବାଠୁ ଦୂରେଇ ରୁହନ୍ତୁ। ଗ୍ଲୋବସ, ନି-କ୍ୟାପ ଓ ସକ୍‌ସ ପିନ୍ଧନ୍ତୁ। ଓଜନ ଠିକ୍ ରଖନ୍ତୁ ଯାହାଦ୍ୱାରା ଗଣ୍ଠି ଉପରେ ବେଶୀ ଚାପ ପଡ଼ିବନି। ଭଲ ନିଦ ଦରକାର। ଯାହା ଅଳସୁଆମୀ ଦୂରକରେ ଓ ସକ୍ରିୟ ହେବାରେ ସାହାଯ୍ୟ କରେ। ବସିବା, ଠିଆହେବା କିମ୍ବା ଚାଲିବା ଶୈଳୀ ଠିକ୍ ରଖନ୍ତୁ।

*ବାକଶ୍ରବଣ ବିଶେଷଜ୍ଞ 'ଧ୍ୱନୀ',*
*ମେଟ୍ରୋପ୍ଲାଜା, କାଠଗୋଲା ରୋଡ଼,*
*ମଙ୍ଗଳାବାଗ, କଟକ,*
*ଦୂରଭାଷ : ୯୪୩୮୨୭୬୭୬୦*




# ମର୍ତ୍ତ୍ୟ ମଣ୍ଡଳେ ଦେହ ବହି.....

ଜନ୍ମ ହେଲେ ମୃତ୍ୟୁ ସୁନିଶ୍ଚିତ। ଗୋଟିଏ ଅତ୍ୟନ୍ତ ତାତ୍ପର୍ଯ୍ୟପୂର୍ଣ୍ଣ କଥା ହେଉଛି 'ମର୍ତ୍ତ୍ୟ ମଣ୍ଡଳେ ଦେହ ବହି, ଦେବତା ହୋଇଲେ ମରଇ'। ସଂସାର ରୂପକ ରଙ୍ଗମଞ୍ଚରେ ଜନ୍ମ ପରେ ପ୍ରତ୍ୟେକଙ୍କୁ ଭଗବାନଙ୍କ ନିର୍ଦ୍ଦେଶ ଅନୁଯାୟୀ ନିଜ ନିଜର ଅଭିନୟ ଶେଷ କରି ମୃତ୍ୟୁବରଣ କରିବାକୁ ହୁଏ। ଅସଂଖ୍ୟ ଅଭିନେତା ଓ ଅଭିନେତ୍ରୀଙ୍କ ଅଭିନୟ ଦେଖିଥିଲେ ମଧ୍ୟ ସମସ୍ତଙ୍କୁ ମନେରଖି ହୁଏନାହିଁ। କେତେ ଜଣଙ୍କ ସଂସ୍ପର୍ଶରେ ଆସିଲା ପରେ ସେମାନଙ୍କର ମନଛୁଆଁ ଅଭୁଲା କାର୍ଯ୍ୟ କଳାପ ଯୋଗୁଁ ସେମାନଙ୍କୁ ଭୁଲି ହୁଏନାହିଁ। ଏହିପରି ଜଣେ ମହିୟସୀ ମହିଳା ଥିଲେ ମୋ ମାଆ ପୂଜ୍ୟା ଶ୍ରୀ ଶ୍ରୀ ଠାକୁର ନିଗମାନନ୍ଦଙ୍କ ଆଶ୍ରିତ ବାସନ୍ତୀ ଦେବୀ।

ଏହି ଅନିତ୍ୟ ସଂସାରରେ ଜନ୍ମ ନେଲେ ଯିବାକୁ ହିଁ ହୁଏ ଦିନେ। ବାସ୍ତବରେ ଯିବାଟା ହିଁ ସତ୍ୟ। ଯାହା ପ୍ରମାଣ କରେ ପୁଣିଥରେ ଆସିବାକୁ। ମାତ୍ର ଯେଉଁମାନେ ପରମପୁରୁଷ ଭଗବତ କୃପାଭିକ୍ଷୁ ଓ ସେବକ ସେମାନେ ଆପଣାର ସ୍ମୃତିର ପଦଚିହ୍ନ ଛାଡ଼ି ଯାଇଥାନ୍ତି ପରବର୍ତ୍ତୀ ସମୟର ଜନମାନସ ପାଇଁ। ସତ୍ୟ, ନ୍ୟାୟ ଓ ତ୍ୟାଗର କ୍ଷୁରଧାରକୁ ଅହର୍ନିଶ ପରୀକ୍ଷା କରୁଥିବା, ଜୀବନ ଯନ୍ତ୍ରଣାରେ ବେଦନାବିଦ୍ଧ ହୋଇ ପରପାଇଁ ସୁଖର ହସ ବାଣ୍ଟୁଥିବା ଜଣେ ସେହିପରି ଅବିସ୍ମରଣୀୟ ବ୍ୟକ୍ତିତ୍ୱ ଥିଲେ ଏହି ପରୋପକାରୀ ଆଧ୍ୟାତ୍ମିକ ସମାଜ ସେବିକା ସ୍ୱର୍ଗତାଃ ବାସନ୍ତୀ ଦେବୀ।

ମନେପଡୁଛି ଭଗବାନ ଶ୍ରୀସତ୍ୟସାଇ ବାବାଙ୍କ ଏକ ଦିବ୍ୟ ବାଣୀ। ''ଜନ୍ମମୃତ୍ୟୁର ଚକ୍ରରୁ ମୁକ୍ତି ପାଇବା ପାଇଁ ତୁମ ସମସ୍ତଙ୍କ ହାତରେ ଖଣ୍ଡିଏ ଲେଖାଏଁ ଟିକେଟ ଅଛି। ମାତ୍ର ଏଥିପାଇଁ କେଉଁ ଗାଡ଼ିରେ ଚଢ଼ିବାକୁ ହେବ, ତୁମେ ଜାଣି ନପାରି ବାଟବଣା ହେଉଛ। ସଂସାରରୂପୀ ଜଙ୍ଗଲରେ ନାନା ଦୃଶ୍ୟ ଦ୍ୱାରା ଆକୃଷ୍ଟ ହୋଇ ଲକ୍ଷ୍ୟଭ୍ରଷ୍ଟ ହେଉଛ।''

ଶ୍ରୀମଦ ଭାଗବତରେ ଉଲ୍ଲେଖ ଅଛି -'ଦେହ ବହିଲେ ନିଶ୍ଚେ ମରି, ସଂସାର ନୁହଁଇ କାହାରି, ବୃକ୍ଷର ତଳେ ଜେହ୍ନେ ଆସି, ପଥିକ ବିଶ୍ରାମନ୍ତି ବସି। ପୁଣି ଚଳନ୍ତି ଶ୍ରମ ସାରି, ସେ ବୃକ୍ଷ ନୁହଁଇ କାହାରି।' ଏହା ଅବିସମ୍ବାଦିତ ସତ୍ୟ। ମୋହମାୟା ସଂସାରରେ ସମସ୍ତେ ନିଜ ନିଜ କର୍ମକୁ ଆଧ୍ୟାତ୍ମିକ ପଥରେ କ୍ୱଚିତ ନେଇଥାନ୍ତି। ଆମ ସମୟରେ ଜଣେ ନୀରବ ଜୀବନ ସାଧିକା ଥିଲେ ଏହି ପରୋପକାରୀ ମହିଳା ବ୍ୟକ୍ତିତ୍ୱ। ଜୀବନକୁ ସେ କେବଳ ବଞ୍ଚିନାହାନ୍ତି, ଜୀବନକୁ କେବଳ ସେ ସାଧି ସାଧି ପରିଶେଷରେ ଈଶ୍ୱର ପ୍ରାପ୍ତି ହୋଇଛନ୍ତି। ଜଣେ ତେଲ ଲୁଣ ସଂସାର ଓ ସାମାଜିକ ଦାୟିତ୍ୱ ପ୍ରତିପାଦନ ସହ ସାର୍ବଜନୀନ ସାଧନା ଦ୍ୱାରା କିପରି ଦିବ୍ୟତ୍ୱ ପ୍ରାପ୍ତି ବା ଦିବ୍ୟ ଜୀବନ ଲାଭ ହୋଇପାରିବ ସେ ତା'ର ଯଥାର୍ଥ ପ୍ରତୀକ ଥିଲେ। ମନେପଡୁଛି ଏକ ବେଦ ଉପନିଷଦର ଦର୍ଶନର ଧାଡ଼ିଟିଏ - 'ସେ ଜାତୋ ଯେନ ଜାତେନ ଯାତି ବଂଶଃ ସମୁନ୍ନତିମ। ପରିବର୍ତ୍ତିନି ସଂସାରେ ମୃତଃ କୋବା ନ ଜାୟତେ।' ଦୁର୍ଲଭ ମଣିଷ ଜୀବନର ସଫଳତା କର୍ମ ଉପରେ ନିର୍ଭର କରିଥାଏ। ଏ ସଂସାରରେ କେତେ ବର୍ଷ ଜୀବନ ଧାରଣ କରାଗଲା ତାହା କେବେ ହେଲେ ଜୀବନର ମୂଲ୍ୟାୟନର ମାପକାଠି ହୋଇ ନ ପାରେ। ନିଜ ଗୁରୁ, ଇଷ୍ଟ, ଭଗବାନଙ୍କ ଉପରେ ଅଖଣ୍ଡ ବିଶ୍ୱାସ ରଖି ସଦାସର୍ବଦା କର୍ମତତ୍ପର ଓ ଆଦର୍ଶଣୀୟ ଜୀବନଯାପନ କରିବା ହେଉଛି ମାନବିକତାର ପରିଚୟ। ଏହିପରି ଏକ ଜୀବନର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ। ତାଙ୍କ ଜୀବନ ତମାମ ସର୍ବୋପରି ଥିଲା ଅନ୍ୟମାନଙ୍କ ପାଇଁ ସମାଜ ସେବା, ଅନ୍ୟ ମାନଙ୍କ ଉପକାର, ଅନ୍ୟ ମାନଙ୍କ ପାଇଁ ହିଁ ଭଲପାଇବା। ଆଜି ତାଙ୍କ ବୋହୂ ପୁଷ୍ପଲତା ଦାସ, ନାତୁଣୀ ସାଇସ୍ମିତା ଦାସ, ସତ୍ୟସାଗର ଦାସ ସମସ୍ତେ କାନ୍ଦୁଛନ୍ତି ତାଙ୍କର ଅମର ଆତ୍ମା ପାଇଁ କିନ୍ତୁ ସେ ତାଙ୍କ ଜୀବନକୁ ନିର୍ବାହ କରିଥିଲେ ପରୋପକାର, ସମାଜ ସେବା ଓ ଆଧ୍ୟାତ୍ମିକ ଜୀବନ ପାଇଁ ସମର୍ପିତ ହୃଦୟକୁ ନେଇ। ଯେଉଁଠି ନା ଥିଲା ସ୍ୱାର୍ଥ, ନା ଥିଲା ପ୍ରଚାର, ନା ଥିଲା ପ୍ରସାର? ଆଜି ତମାମ କେନ୍ଦୁପାଟଣା ନୁହେଁ ଓଡ଼ିଶା କାନ୍ଦୁଛି ଏହି ମହିୟସୀ ବ୍ୟକ୍ତିତ୍ୱଙ୍କ ପାଇଁ। କାରଣ ତାଙ୍କର ଜୀବନର ସମର୍ପଣ ଥିଲା ଅନ୍ୟମାନଙ୍କ ସେବା, ଅନ୍ୟମାନଙ୍କ ଉନ୍ନତି, ଅନ୍ୟମାନଙ୍କ ପ୍ରଗତି। ଜଗତକୁ ଆସିଲେ ଜଗତ ଛାଡ଼ିବା, ଜୀବ ପାଇଁ ଏକ ନିଶ୍ଚିତ ସତ୍ୟ। ମଣିଷ ଆସେ ଯେଉଁ ଅନନ୍ତ ସତ୍ତା ମଧ୍ୟରୁ ତାର ଫେରିବା ନିଶ୍ଚିନ୍ତ ହୋଇଥାଏ। ସେହି ସତ୍ତା ମଧ୍ୟରେ ବିଲୀନ ହୋଇଯିବା ପାଇଁ। ମାତ୍ର ବାଟ ଚାଲିଲା ବେଳେ ବାଟ ହୁଡ଼ିଲେ ଲକ୍ଷ୍ୟ ସ୍ଥାନରେ ପହଞ୍ଚିବା ହୋଇଯାଏ କାହାରି କାହାରି ପକ୍ଷରେ କଷ୍ଟସାଧ୍ୟ ଅଥବା ଅସମ୍ଭବ। ଜୀବନରେ ତ୍ୟାଗ, ଉତ୍ସର୍ଗ, ଭଲ ପାଇବା, ପରୋପକାର, ଅନ୍ୟମାନଙ୍କ ସମର୍ପଣ ବଡ଼ କଥା। ଏହାହିଁ ଆମମାନଙ୍କ ପାଇଁ ପ୍ରେରଣା ଉତ୍ସ ହେଉ, ଏହାହିଁ କାମନା।

# ବରୁଥିନି ଏକାଦଶୀ



ପ୍ରାଚୀନ କାଳରେ ନର୍ମଦା ନଦୀ ତଟରେ ମାନ୍ଧାତା ନାମକ ରାଜା ଶାସନ କରୁଥିଲେ। ରାଜା ଅତ୍ୟନ୍ତ ଧାର୍ମିକ ଥିଲେ। ଥରେ ସେ ଜଙ୍ଗଲକୁ ଯାଇ ତପସ୍ୟା କରୁଥିବା ସମୟରେ ଏକ ଭାଲୁ ଆସି ତାଙ୍କ ପାଦ ଚୋବାଇବାକୁ ଲାଗିଲା। ମାତ୍ର ରାଜାଙ୍କ ତପସ୍ୟା ଭଙ୍ଗ ହେଲା ନାହିଁ। ଧୀରେ ଧୀରେ ଭାଲୁ ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଖାଇ ଦେଲା। ରାଜାଙ୍କୁ ଘୋଷାଡ଼ି ଘୋଷାଡ଼ି ଜଙ୍ଗଲ ଭିତରକୁ ନେଇଗଲା। ରାଜା ତପସ୍ୟା କରୁଥିବା କାରଣରୁ କ୍ରୋଧ ଏବଂ ହିଂସା ନକରି ଭଗବାନ ବିଷ୍ଣୁଙ୍କୁ ଡାକିବାକୁ ଲାଗିଲେ। ରାଜାଙ୍କ ଡାକ ଶୁଣି ଭକ୍ତବତ୍ସଳ ଭଗବାନ ବିଷ୍ଣୁ ପ୍ରକଟ ହୋଇ ସୁଦର୍ଶନ ଚକ୍ର ଦ୍ୱାରା ଭାଲୁର ବଧ କଲେ।

ରାଜାଙ୍କ ସମ୍ପୂର୍ଣ୍ଣ ପାଦ ଭାଲୁ ଖାଇ ଦେଇଥିଲା। ରାଜା ଶୋକାତୁର ହୋଇପଡ଼ିଲେ। ଏହାଦେଖି ଭଗବାନ ବିଷ୍ଣୁ କହିଲେ, ହେ ବତ୍ସ! ଶୋକ କରନାହିଁ। ତୁମେ ମଥୁରା ଯାଇ ସେଠାରେ ବରୁଥିନି ଏକାଦଶୀ ବ୍ରତ ରଖ। ମୋର ବରାହ ଅବତାରକୁ ପୂଜା କର। ଏହାର ପ୍ରଭାବରେ ପୁଣିଥରେ ସୁଦୃଢ଼ ଅଙ୍ଗ ପ୍ରାପ୍ତ କରିବ। ତୁମ ପୂର୍ବ ଜନ୍ମର ଅପରାଧ ପାଇଁ ଭାଲୁ ତୁମ ପାଦ ଚୋବାଇ ଦେଇଛି। ଭଗବାନଙ୍କ ଆଜ୍ଞା ପ୍ରାପ୍ତ କରି ରାଜା ମଥୁରା ଯାଇ ଶ୍ରଦ୍ଧା ପୂର୍ବକ ବରୁଥିନି ଏକାଦଶୀ ବ୍ରତ କଲେ। ଏହାର ପ୍ରଭାବରେ ସେ ପୁଣି ଥରେ ସମ୍ପୂର୍ଣ୍ଣ ଏବଂ ସୁନ୍ଦର ଅଙ୍ଗ ପ୍ରାପ୍ତ କଲେ।

ବୈଶାଖ ମାସ କୃଷ୍ଣପକ୍ଷ ଏକାଦଶୀକୁ ବରୁଥିନି ଏକାଦଶୀ କୁହାଯାଇଥାଏ। ଚଳିତ ମାସ ୨୬ ତାରିଖରେ ଏହି ଏକାଦଶୀ ପଡୁଛି। ଏହି ପବିତ୍ର ଦିବସରେ ଭଗବାନ ମଧୁସୂଦନଙ୍କ ପୂଜା କଲେ ଅଶେଷ ପୂଣ୍ୟ ଏବଂ କଲ୍ୟାଣ ପ୍ରାପ୍ତି ହୋଇଥାଏ। କାମ, କ୍ରୋଧ, ଲୋଭ ଉପରେ ନିୟନ୍ତ୍ରଣ କରିବା ସହ ପାନ, ସୁପାରୀ ଆଦି ଏହି ଦିନରେ ତ୍ୟାଗ କରି ଭଗବାନ ବିଷ୍ଣୁଙ୍କ ବରାହ ଅବତାରର ପୂଜା କଲେ କୋଟି କୋଟି ବର୍ଷର ତପସ୍ୟା ଏବଂ କନ୍ୟାଦାନ ସମାନ ପୂଣ୍ୟ ପ୍ରାପ୍ତି ହୋଇଥାଏ।

# କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତଙ୍କ ରାଜସ୍ୱ ସମୀକ୍ଷା ବୈଠକ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ସୁରେଶ ଚନ୍ଦ୍ର ଦଳାଇ ଗତ ୧୮ ତାରିଖ ଅପରାହ୍ନରେ ଜିଲ୍ଲା କାର୍ଯ୍ୟାଳୟର ସଦ୍‌ଭାବନା ସଭାଗୃହରେ ଜିଲ୍ଲାର ରାଜସ୍ୱ ଆଦାୟର ସମୀକ୍ଷା କରିଥିଲେ । ଏହି ସମୀକ୍ଷା ବୈଠକରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ, ଅତିରିକ୍ତ ଜିଲ୍ଲାପାଳ(ପ୍ରଶାସନ) ପିତାମ୍ବର ସାମଲ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଦୁର୍ଗା ପ୍ରସାଦ ମହାରଣା, ଡେପୁଟି କଲେକ୍ଟର(ରାଜସ୍ୱ) ରାଜେନ୍ଦ୍ର ପ୍ରସାଦ ଆଚାର୍ଯ୍ୟ, କେନ୍ଦ୍ରାପଡା ତହସିଲଦାର ହେମଲତା ବାହାଲିଆ, ଡେରାବିଶ ତହସିଲଦାର ନମିତା ବାରିକ ଏବଂ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଏବଂ ଅତିରିକ୍ତ ତହସିଲଦାରମାନେ ଯୋଗ ଦେଇଥିଲେ । ପ୍ରାରମ୍ଭରେ କେନ୍ଦ୍ରା ଳ ରାଜସ୍ୱ ଆୟୁକ୍ତ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ଜନମଙ୍ଗଳକାରୀ ସରକାରୀ ଯୋଜନାଗୁଡିକର ସଫଳ ରୂପାୟନ କରି ପ୍ରଶାସନକୁ ଲୋକାଭିମୁଖୀ କରିବା ସହ ରାଜସ୍ୱ ଆଦାୟ ଉପରେ ଗୁରୁତ୍ୱାରୋପ କରିଥିଲେ । ବୈଠକରେ ଜିଲ୍ଲାର ବିଭିନ୍ନ ତହସିଲର ତହସିଲଦାର ଫଇସଲା ହୋଇନଥିବା ବିଭିନ୍ନ ରାଜସ୍ୱ ମାମଲା, ଜବରଦଖଲ ମାମଲା, ଦାଖଲ ଖାରଜ ମାମଲା, ଓଏଲଆର(୮କ) ମାମଲା, ଓଏଲଆର(୧୯-୧ଗ)ମାମଲା, ଭୂ-ବନ୍ଦୋବସ୍ତ ମାମଲା, ସୀମା ନିର୍ଦ୍ଧାରଣ ଇତ୍ୟାଦି ମାମଲାଗୁଡିକୁ ଆସନ୍ତା ୧୭ତାରିଖ ସୁଦ୍ଧା ଫଇସଲା କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ । ୫-ଟି ଅଧିନରେ ଉଚ୍ଚ ବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକୁ ରୂପାନ୍ତରୀକରଣ ଯୋଜନାରେ ବିଦ୍ୟାଳୟଗୁଡିକ ପାଇଁ ଜମି ବନ୍ଦୋବସ୍ତ କରିବାକୁ ତ୍ୱରିତ ପଦକ୍ଷେପ ନେବାକୁ ଉପସ୍ଥିତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଜିଲ୍ଲାରେ କ୍ଷୁଦ୍ରଲଘୁ ଖଣିଜ ପଦାର୍ଥରୁ ୨୦୨୧-୨୨ ଆର୍ଥିକ ବର୍ଷରେ ୩୨କୋଟି ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ବେଳେ ମାର୍ଚ୍ଚ ୨୨ତାରିଖ ସୁଦ୍ଧା ୧୮କୋଟି ୬୯ଲକ୍ଷ ୮୭ହଜାର ୮୪୦ ଟଙ୍କା ରାଜସ୍ୱ ଆଦାୟ ହୋଇଛି ବୋଲି ଜିଲ୍ଲା ପ୍ରଶାସନ ପକ୍ଷରୁ ତଥ୍ୟ ଦିଆଯାଇଥିଲା। ଅନଧିକାର ଲଘୁଖଣିଜ ଦ୍ରବ୍ୟ(ବାଲି ଓ ମାଟି)ର ଉ ୋଳନ ଓ ଏହାର ପରିବହନ ରୋକିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଉପସ୍ଥିତ ତହସିଲଦାରମାନଙ୍କୁ ରାଜସ୍ୱ ଆୟୁକ୍ତ ଶ୍ରୀ ଦଳାଇ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ମୂଲ୍ୟବାନ ସରକାରୀ ଜମିକୁ ସୁରକ୍ଷିତ ରଖିବା ଏବଂ ଏହାର ଅନଧିକାର ଅଧିଗ୍ରହଣକୁ ଉଚ୍ଛେଦ କରିବା ସହ ଏଥିପାଇଁ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ମଧ୍ୟ ସେ ନିର୍ଦ୍ଦେଶ ଦେଇଥିଲେ ।

# ଅବସରପ୍ରାପ୍ତ କଲେଜ୍ ଅଧ୍ୟକ୍ଷଙ୍କ ଘରୁ ଚୋରି

ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଅନ୍ତର୍ଗତ ଶାନ୍ତିବଜାର କଲୋନୀରେ ରହୁଥିବା ସାହସପୁର କଲେଜ୍‌ର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ. ଚିତରଂଜନ ମହାନ୍ତିଙ୍କ ଘର ଝରକା ତାଡ଼ି ଚୋରମାନେ ଲକ୍ଷାଧିକ ଟଙ୍କା ମୂଲ୍ୟର ଅଳଙ୍କାର, ଦାମି ମୋବାଇଲ୍ ଓ ନଗଦ ଟଙ୍କା ଲୁଟି ନେଇଛନ୍ତି । ଏ ସଂପର୍କରେ ଶ୍ରୀ ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ୍ ପହ ି ଘଟଣାର ତଦନ୍ତ ଆରମ୍ଭ କରିଥିଲା । ପ୍ରକାଶ ଯେ, ଶ୍ରୀ ମହାନ୍ତି ତାଙ୍କ ବଡ଼ଭାଉଜଙ୍କ ଦେହାନ୍ତ ହେବାରୁ ସଂସ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଯାଇଥିଲେ । ଘରେ ତାଙ୍କ ପୁଅ, ବୋହୂ, ନାତି ଓ ସମୁଦୁଣୀ ଥିଲେ । ଅନ୍ୟ ରୁମ୍‌ରେ ପରିବାର ଲୋକେ ଶୋଇ ଯାଇଥିଲେ । ରାତି ପ୍ରାୟ ୨ଟାରେ ଚୋରମାନେ ଶ୍ରୀ ମହାନ୍ତିଙ୍କ ଘରପଛ ପାର୍ଶ୍ୱ ଝରକା ଗ୍ରିଲ୍ ତାଡ଼ି ତାଙ୍କ ରୁମ୍‌ରେ ପ୍ରବେଶ କରିଛନ୍ତି । ଉକ୍ତ ରୁମ୍‌ର ଷ୍ଟିଲ୍ ଆଲମିରାରେ ଥିବା ଦେଢ଼ ଲକ୍ଷ ଟଙ୍କା ମୂଲ୍ୟର ଏକ ହୀରାମୁଦି, ୨ଟି ସୁନା ଚେନ୍, ୩ଟା ସୁନାମୁଦି, ଗୋଟିଏ ଆଇଫୋନ୍, ୩ଟି ମୋବାଇଲ୍ ଓ ୪୦ହଜାର ଟଙ୍କା ଚୋରମାନେ ଲୁଟି ନେଇଥିବା ଏତଲାରେ ଦର୍ଶାଯାଇଛି । ଏସବୁର ମୂଲ୍ୟ ୭ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଆକଳନ କରାଯାଇଛି । ଚୋରମାନେ ଉକ୍ତ ରୁମ୍‌ର ଭିତର ପଟୁ କବାଟ ବନ୍ଦ କରି ଦେଇଥିବାବେଳେ ଘରେ ଫିଙ୍ଗା ଫୋପଡ଼ା କରିଛନ୍ତି । ଏଥିସହ ଝରକାରେ ଏକ ଲୁହା କ ାରେ ଇଂରାଜୀ ଅକ୍ଷରରେ କିଛି ଲେଖି ତାକୁ କାଟି ଦେଇଥିବା ବେଳେ ସିଗାରେଟ୍ ଟାଣି ଫିଙ୍ଗିଛନ୍ତି । ଶ୍ରୀ ମହାନ୍ତି ଭୋରରୁ ପୁରୀରୁ ଫେରି ତାଙ୍କ ଘରୁ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ । ରାତି ୧.୫୨ରୁ ୨.୪୦ ମଧ୍ୟରେ ୩ଜଣ ଦୁର୍ବୃତ୍ତ ଏହି ଲୁଟ୍‌ପାଟ୍ କରିଥିବା ଶ୍ରୀ ମହାନ୍ତିଙ୍କ ଘରେ ଲାଗିଥିବା ସିସି କ୍ୟାମେରା ଫୁଟେଜ୍‌ରୁ ଜଣାପଡ଼ିଛି । ସେହିପରି ସମାନ ଢଙ୍ଗରେ ପଡୋଶୀ ବାସନ୍ତୀ ମଲ୍ଲିକଙ୍କ ଝରକା ଗ୍ରିଲ୍ ତାଡ଼ି ଚୋରମାନେ ତାଙ୍କ ଘରେ ପ୍ରବେଶ କରିଥିଲେ । ତାଙ୍କ ଘରେ କେହି ନଥିବା ବେଳେ କୌଣସି ମୂଲ୍ୟବାନ ସାମଗ୍ରୀ ନଥିବାରୁ ଚୋରମାନେ ଫିଙ୍ଗାଫୋପଡ଼ା କରି ଫେରି ଯାଇଥିବା ଜଣାପଡ଼ିଛି । ସନ୍ଧାନୀ କୁକୁର ଓ ସାଇ ିଫିକ୍ ଟିମ୍ ଆଣି ଘଟଣାର ଅଧିକ ତଦନ୍ତ କରାଯିବାର ପୁଲିସ୍ ସୂଚନା ଦେଇଥିଲେ । ଏହିପରି ଭାବେ ଜାରକା ଅ ଳରେ ଘରେ କେହି ନଥିଲେ ଝରକା ଗ୍ରିଲ୍ ତାଡ଼ି ଉକ୍ତ ଚୋରଦଳ ବାରମ୍ବାର ଲୁଟ୍‌ପାଟ୍ କରୁଥିଲେ ହେଁ, ପୁଲିସ୍ ସେମାନଙ୍କୁ ଗିରଫ କରିବାରେ ସକ୍ଷମ ହୋଇପାରୁନାହିଁ । ଯାଜପୁର ଏସ୍‌ପି ଏଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅ ଳବାସୀ ଦାବି କରିଛନ୍ତି।

# ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରାୟୋଜିତ : କଂଗ୍ରେସ

ଭୁବନେଶ୍ୱର (ପିଏନ୍)- ଶ୍ରୀମନ୍ଦିର ରୋଷଘର ଚୁଲିଭଙ୍ଗା ସରକାରୀ ପ୍ରୟୋଜିତ କହିଲା କଂଗ୍ରେସ। ଏଭଳି ସଂଗୀନ ଅଭିଯୋଗ ଆଣିଛନ୍ତି କଂଗ୍ରେସ ମୁଖପାତ୍ର ନିଶିକାନ୍ତ ମିଶ୍ର। ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି। ଏହି ବିବାଦକୁ ଏଡ଼ାଇବାକୁ ଚୁଲି ଭଙ୍ଗାଯାଇଛି। ଖନନ ନେଇ ଶାସକ ଦଳ ଲୋକସଭାରୁ ବିଧାନସଭା ଯାଏ ଅଡୁଆରେ ପଡ଼ିଛି ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେ ଆହୁରି କହିଛନ୍ତି ଯେ ପୋଲିସ ଡିଜି ଓ ମୁଖ୍ୟ ପ୍ରଶାସକ, ଯେଉଁଭଳି ଭାବେ ଶ୍ରୀମନ୍ଦିର ଗସ୍ତ କରିଥିଲେ ସେହି ତତ୍ପରତା ଦେଖାଇ ରୋଷଘରର ରକ୍ଷଣାବେକ୍ଷଣ ଦାୟିତ୍ୱ ଯଦି ନେଇଥାନ୍ତେ, ତେବେ ଏଭଳି ଘଟଣା ଘଟିନଥାନ୍ତା। ପୋଲିସ ଡିଜିଙ୍କ ଗସ୍ତ କେବଳ ଲୋକଦେଖାଣିଆ। ସରକାର ଏଥିପ୍ରତି ଉଦାସୀନ। ଏହି ପ୍ରସଙ୍ଗକୁ ଯେଉଁ ଭଳି ଭାବେ ଗମ୍ଭୀରତାର ସହ ନେବା କଥା, ତାକୁ ନେଇନାହାନ୍ତି। ଚୋର ଚୋରିକରି ଧନ ନେବାପରେ ଖୋଜିବା ଯାହା, ପୋଲିସ ଖୋଜିବା ସହ ତାହା ସମାନ। ସେ କହିଛନ୍ତି ଯେ ଜଗନ୍ନାଥ ହେରିଟେଜ୍ କରିଡ଼ର ଖନନ ବାବଦରେ ରାଜ୍ୟ ସରକାର ନିନ୍ଦିତ ହୋଇଛନ୍ତି। ବିଧାନସଭାଠୁ ସଂସଦ ଯାଏ ଅପଦସ୍ତ ହୋଇଛନ୍ତି। ବିଧାନସଭାରେ ଭୁଲ ଉତର ରଖିଛନ୍ତି ରାଜ୍ୟ ସରକାର। ତାଙ୍କର ସାଂସଦ ମଧ୍ୟ ଲୋକସଭାରେ ଭୁଲ ଉତର ରଖିଛନ୍ତି। ସାରା ରାଜ୍ୟରେ ସରକାରୀ ବାବୁ, ସରକାରୀ ସାଂସଦ, ବିଧାୟକ ଓ ସରକାର ଜନମାନସରେ ନିନ୍ଦିତ ହେଲେ। ଏପରିକି ଜଣେ ସରକାରୀ ଦଳର ସାଂସଦ ଲୋକସଭାରେ ବିବୃତି ଦେବାପରେ ବାହାରେ ଗଣମାଧ୍ୟମରେ ନିଜର ସଫେଇ ରଖିଲେ। ସେଥିପାଇଁ ପରିକ୍ରମା ପ୍ରକଳ୍ପ ବିବାଦରୁ ନଜର ହଟାଇବାକୁ ଚୁଲି ଭଙ୍ଗାଯାଇଛି।

# ପ୍ରସିଦ୍ଧ ଶିଳ୍ପପତି ଓ.ପି. ଜିନ୍ଦଲଙ୍କ ୯୨ତମ ଜନ୍ମବାର୍ଷିକୀ ମହାସମାରୋହରେ ପାଳିତ

ଯୋଡା (ପିଏନ୍): ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାରର ପ୍ରତିଷ୍ଠାତା ଶ୍ରୀ ଓ.ପି. ଜିନ୍ଦଲଙ୍କ ୯୨ତମ ଜନ୍ମ ବାର୍ଷିକୀ ୭ ଅଗଷ୍ଟ ୨୦୨୨ରେ ଜେଏସ୍‌ପି ଗ୍ରୁପ୍ ବଡବିଲ ପେଲେଟ୍ ପ୍ଲାଣ୍ଟ, ଟେନସା ଏବଂ କାସିଆ ଆଇରନ୍ ମାଇନ୍ସରେ ପାଳନ କରାଯାଇଥିଲା । ସମସ୍ତ ୟୁନିଟ୍ ମୁଖ୍ୟ, ବରିଷ୍ଠ କାର୍ଯ୍ୟ ନିର୍ବାହୀ, କର୍ମଚାରୀ ଏବଂ ସହଯୋଗୀମାନେ ପ୍ରତିଷ୍ଠାତା ଚେୟାରମ୍ୟାନ୍ ତଥା ପ୍ରଖ୍ୟାତ ଶିଳ୍ପପତି ଶ୍ରୀ ଓ.ପି. ଜିନ୍ଦଲଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଉପଲକ୍ଷେ ଦିନିକିଆ ଆଧ୍ୟାତ୍ମିକ,ସାଂସ୍କୃତିକ ଏବଂ କ୍ରୀଡା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ବଡବିଲ ପେଲେଟ ପ୍ଲାଣ୍ଟରେ ଶ୍ରୀ ଓ.ପି.ଜିନ୍ଦଲଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଦିନ ଆରମ୍ଭ ହୋଇଥିଲା । ପରେ ଟାଉନସିପ୍ ମନ୍ଦିରରେ ଆୟୋଜିତ ପୂଜା ଏବଂ ଯଜ୍ଞ କାର୍ଯ୍ୟକ୍ରମ ୟୁନିଟ୍ ମୁଖ୍ୟ, ଅନ୍ୟ ବରିଷ୍ଠ କାର୍ଯ୍ୟ ନିର୍ବାହୀ ଏବଂ ସେମାନଙ୍କ ପରିବାର ସଦସ୍ୟ ଯୋଗ ଦେଇଥିଲେ । ରାତିରେ ଟିମ୍ ପେଲେଟ୍ ପ୍ଲାଣ୍ଟ ଦ୍ୱାରା ଏକ ମେଗା ପୁରସ୍କାର ପ୍ରଦାନ ସମାରୋହ ଆୟୋଜିତ ହୋଇଥିଲା । କୋଭିଡ୍ ମହାମାରୀ ହେତୁ ଗତ ଦୁଇବର୍ଷ ଧରି ପୁରସ୍କାର ବିତରଣ କାର୍ଯ୍ୟକ୍ରମ ସମ୍ଭବ ହୋଇପାରି ନଥିଲା । ତେଣୁ ଗତ ବର୍ଷର ସମସ୍ତ ପୁରସ୍କୃତ ହେବାକୁ ଥିବା ବ୍ୟକ୍ତିଙ୍କୁ ଏଥିରେ ସାମିଲ କରିବା ପାଇଁ ଏହି ବର୍ଷର କାର୍ଯ୍ୟକ୍ରମକୁ ବୃହତ ସ୍ତରରେ ଆୟୋଜନ କରାଯାଇଥିଲା । ଜେଏସ୍‌ପି କର୍ମଚାରୀଙ୍କ ବ୍ୟତୀତ ଯୋଡା, ବଡବିଲ ଖଣି ଅଂଚଳରେ ଅବସ୍ଥିତ ଅନ୍ୟ ଶିଳ୍ପ ଗୁଡିକର ବରିଷ୍ଠ କାର୍ଯ୍ୟ ନିର୍ବାହୀ ମାନଙ୍କୁ ମଧ୍ୟ ଏହି ଉତ୍ସବେର ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇଥିଲା । କେନ୍ଦୁଝର ଜିଲ୍ଲାର ୧୬ଜଣ ଖେଳାଳୀ ଯେଉଁମାନେ ଜାତୀୟ ସ୍ତରରେ କ୍ରୀଡା ଇଭେଣ୍ଟରେ ପଦକ ଜିତି ରାଜ୍ୟ ପାଇଁ ଗୌରବ ଆଣିଛିଁ ସେଏସ୍‌ପିଏଲ୍ ଫାଉଣ୍ଡେସନ ଦ୍ୱାରା ଆଦିବାସୀ ବିକାଶ ସମିତି ଠାରେ ସେମାନଙ୍କୁ ଅଭିବାଦନ ଅର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ତୁଳସୀ ମୁଣ୍ଡା,ୟୁନିଟ୍ ହେଡ୍ ଏବଂ ସିଏସ୍‌ଆର ଭର୍ଜିଲା ଲାକ୍ରା ଉପସ୍ଥିତ ଥିଲେ। ପ୍ରତିଷ୍ଠାତା ଦିବସ ମଧ୍ୟ ଜିନ୍ଦଲ ସ୍କୁଲ, ବଡବିଲରେ ଜୋରସୋରର ପାଳନ କରାଯାଇଥିଲା । ପ୍ରଧାନଶିକ୍ଷୟିତ୍ରୀ, ଛାତ୍ର ଏବଂ ସେମାନଙ୍କ ପିତାମାତାଙ୍କ ସମେତ ସମସ୍ତ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ଛାତ୍ର ମାନଙ୍କ ଦ୍ୱାରା ଗୀତ ଏବଂ ନୃତ୍ୟ ପରିବେଷିତ ହୋଇଥିଲା। ୯୨ତମ ପ୍ରତିଷ୍ଠା ଦିବସ ଉପଲକ୍ଷେ କାସିଆ ଆଇରନ୍ ସାଇନ୍ସ ଓ.ପି. ଜିନ୍ଦଲ ମେମୋରିଆଲ ଫୁଟବଲ ଟୁର୍ଣ୍ଣାମେଣ୍ଟ ଏବଂ ଏହାର ପାରିପାର୍ଶ୍ୱିକ ଅଂଚଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ମାନ୍ୟବର ବିଧାୟକ ବଣାଇ ଲକ୍ଷ୍ମଣ ମୁଣ୍ଡା ଏବଂ ଉପଜିଲ୍ଲାପାଳ ବଣାଇ ସୁରନ କୁମାର ସାହୁ, ପ୍ରମୋଦ କୁମାର ପାତ୍ର, ୟୁନିଟ୍ ମୁଖ୍ୟ ଏବଂ ଆଖପାଖ ଗ୍ରାମ ପଂଚାୟତର ମାନ୍ୟଗଣ୍ୟ ବ୍ୟକ୍ତି ପୁରସ୍କାର ବିତରଣ ସମାରୋହରେ ଯୋଗ ଦେଇଥିଲେ । ସକାଳେ ୟୁନିଟ୍ ହେଡ୍ ଶ୍ରୀ ପାତ୍ର ସମସ୍ତ କର୍ମଚାରୀ ଏବଂ ସେମାନଙ୍କ ପରିବାର ସଦସ୍ୟଙ୍କ ଉପସ୍ଥିତିରେ ଟାଇନ୍‌ସିପ୍ ମନ୍ଦିରରେ ପୂଜା ଓ ଯଜ୍ଞ କାର୍ଯ୍ୟକ୍ରମ ଗ୍ରହଣ କରାଯାଇଥିଲା। ପ୍ରସିଦ୍ଧ ଶିଳ୍ପପତି ଓ.ପି. ଜିନ୍ଦଲଜୀଙ୍କୁ ତାଙ୍କ ୯୨ତମ ଜନ୍ମବାର୍ଷିକୀରେ କାସିଆ ଆଇରନ୍ ମାଇନ୍ସ କର୍ମଚାରୀମାନେ ସ୍ମରଣ କରିଥିଲେ । ବରିଷ୍ଠ ଅଧିକାରୀଙ୍କ ସହ ୟୁନିଟ୍ ମୁଖ୍ୟ ଶ୍ରୀ ଅଜିତ୍ ପାତ୍ର, ସମସ୍ତ ଶ୍ରମିକ ଏବଂ ସେମାନଙ୍କ ପରିବାର ସଦସ୍ୟ ଟାଉନ୍‌ସିପ୍‌ରେ ଥିବା ମନ୍ଦିରରେ ଅନୁଷ୍ଠିତ ସ୍ୱତନ୍ତ୍ର ପୂଜା ଏବଂ ଯଜ୍ଞ ସମାରୋହରେ ଅଂଶଗ୍ରହଣ କରିଥିଲେ ।


## DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10 c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS/ASTROLOGERS/VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Prajyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ସାମ୍ପ୍ରତିକ ସଦ୍‌ଭାବ ଓ ମୋହନ ଭାଗବତ



ଗୋପାଳ ମହାପାତ୍ର

ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘର ମୁଖ୍ୟ ମୋହନ ଭାଗବତ ଦେଶରେ ସାମ୍ପ୍ରଦାୟିକ ସଦ୍‌ଭାବର ବୃଦ୍ଧି ପାଇଁ ଏକ ସାହାସିକ ପଦକ୍ଷେପ ନେଇଛନ୍ତି। ସାମ୍ପ୍ରଦାୟିକ ସଦ୍‌ଭାବ ପାଇଁ ତାଙ୍କ ପ୍ରୟାସ ପ୍ରଶଂସନୀୟ। ଗତ ଡିସେମ୍ବର ମାସ ୧୯ ତାରିଖରେ ପୁନେ ଠାରେ ଭାରତର ବିଶ୍ୱଗୁରୁ ପ୍ରସଙ୍ଗରେ ଭାଷଣ ଅବସରରେ ମୋହନ ଭାଗବତ ହିନ୍ଦୁ ନେତୃତ୍ୱ ଏବଂ ସଂଘର ସ୍ୱୟଂସେବକ ମାନଙ୍କୁ ଏକ କଡ଼ା ସନ୍ଦେଶ ଦେଇଛନ୍ତି। ଭାଗବତ କହିଛନ୍ତି ଯେ ଆମେ ସମୟ ସହ ତାଳ ମିଳାଇ ସଦ୍‌ଭାବ ସହ ରହୁଛେ, ଆମେ ଦୁନିଆକୁ ଏହି ସଦ୍‌ଭାବ ପ୍ରଦାନ କରିବା ଉଚିତ୍, ଏହାର ଏକ ମଡ଼େଲ ପ୍ରସ୍ତୁତ କରିବାର ଆବଶ୍ୟକତା ରହିଛି। ରାମମନ୍ଦିରର ନିର୍ମାଣ ପରେ କିଛି ଲୋକ ଭାବୁଛନ୍ତି ଯେ ସେମାନେ ନୂଆ ନୂଆ ଜାଗାର ପ୍ରସଙ୍ଗ ଉଠାଇ ହିନ୍ଦୁଙ୍କ ନେତା ହୋଇଯିବେ। ଏହାକୁ ସ୍ୱୀକାର କରାଯାଇ ପାରିବ ନାହିଁ। ଦିବଂଗତ ସୁଷମା ସ୍ୱରାଜ ମଧ୍ୟ ୨୦୦୦ ମସିହା ଏପ୍ରିଲ ୧୪ ତାରିଖରେ ଭୋପାଳ ଠାରେ ଏକ ସମାବେଶରେ ଭାଷଣ ଦେବା ଅବସରରେ ସ୍ୱୀକାର କରିଥିଲେ ଯେ ମନ୍ଦିର ଆନ୍ଦୋଳନ ସଂପୂର୍ଣ୍ଣ ଭାବରେ ରାଜନୈତିକ ପ୍ରସଙ୍ଗ ଥିଲା ଏବଂ ଧର୍ମ ସହ ଏହାର କୌଣସି ନେଣ-ଦେଣ ନଥିଲା। ସଂଘ ପ୍ରମୁଖ ମୋହନ ଭାଗବତ ସାହାସିକତାର ସହ ସ୍ପଷ୍ଟ ଭାବେ କହିଛନ୍ତି ଯେ ଅଯୋଧ୍ୟା ପ୍ରସଙ୍ଗ ଆସ୍ଥାର ମାମଲା ଥିଲା। କିଛି ଲୋକ ବାସ୍ତବରେ ମନ୍ଦିରକୁ ପ୍ରସଙ୍ଗ କରି ରାଜନୀତିରେ ଉପରକୁ ଉଠି ପାରିଛନ୍ତି। ମୋହନ ଭାଗବତ ଯାହା କହିଛନ୍ତି ଯଦି ତାହା ପ୍ରକୃତରେ କାର୍ଯ୍ୟରେ ପରିଣତ ହୁଏ ତେବେ ଦେଶରେ ଶାନ୍ତି ସ୍ଥାପିତ ହେବ ନିଶ୍ଚୟ। ଯେଉଁ ସଦଭାବର କଥା ମହାତ୍ମାଗାନ୍ଧୀ କହି ମଧ୍ୟ କାର୍ଯ୍ୟରେ ପରିଣତ କରିପାରିନଥିଲେ ସେଇ ମହାତ୍ମାଗାନ୍ଧୀଙ୍କୁ ଘୋର ବିରୋଧ କରୁଥିବା ରାଷ୍ଟ୍ରୀୟ ସେବକ ସଂଘର ମୁଖ୍ୟ ତାଙ୍କ କଥାକୁ ପୁରଣ କରିବା ପାଇଁ ଅ । ଭିଡିଛନ୍ତି। ସଂଘ ପ୍ରମୁଖ ଯେ ପ୍ରଥମ ଥର ଏଭଳି ମନ୍ତବ୍ୟ ଦେଇଛନ୍ତି ତା ନୁହେଁ। କିନ୍ତୁ ଡିସେମ୍ବର ୧୯ ତାରିଖର ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ଏବେ ଚର୍ଚ୍ଚା ଜୋର ଧରିଛି। ଅଖିଳ ଭାରତୀୟ ସନ୍ଥ ସମିତିର ମହାଶଚୀବ ଜିତେନ୍ଦ୍ରାନନ୍ଦ ସରସ୍ୱତୀଙ୍କଠାରୁ ଆରମ୍ଭ କରି ରାମଭଦ୍ରା ଚାର୍ଯ୍ୟଙ୍କ ପର୍ଯ୍ୟନ୍ତ ଏବଂ ଚକ୍ରପାଣିଙ୍କ ଠାରୁ ଦେବକୀନନ୍ଦନ ଠାକୁର ଭଳି ସନ୍ଥ ମାନେ ମୋହନ ଭାଗବତଙ୍କ ମନ୍ତବ୍ୟକୁ ନେଇ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏପରିକି ଅବିମୁକ୍ତେଶ୍ୱରାନନ୍ଦଙ୍କ ଭଳି ମହାମାନ୍ୟ ମଧ୍ୟ ଏହି ପ୍ରସଙ୍ଗରେ ଭାଗବତ ବିରୋଧିଙ୍କ ସହ ମିଶିଯାଇଛନ୍ତି। ଏଣୁ ହିନ୍ଦୁଙ୍କୁ ସଂଗଠିତ କରିବାର ଦାୟୀତ୍ୱ ଭାଗବତଙ୍କୁ କେହି ଦେଉ ବା ନଦେଉ ତାଙ୍କ ପାଖରେ ଏହି ଶକ୍ତି ସେତେବେଳେ ପର୍ଯ୍ୟନ୍ତ ରହିଛି ଯେତେବେଳେ ପର୍ଯ୍ୟନ୍ତ ସେ ସଂଘ ପ୍ରମୁଖ ଅଛନ୍ତି। ସେଇଥିପାଇଁ ୨୦୨୪ର ଲୋକସଗଭା ନିର୍ବାଚନ ବେଳେ ଯେତେବେଳେ ବିଜେପି ଅଧ୍ୟକ୍ଷ ଜଗତ୍‌ପ୍ରକାଶ ନଡ୍ଡା ଯେ ଏବେ ବିଜେପି ସକ୍ଷମ; ନିର୍ବାଚନରେ ସଂଘର ସାହାଜ୍ୟର ଆବଶ୍ୟକତା ନାହିଁନ୍ତ ବୋଲି କହିଥିଲେ ତା ପରେ ମୋହନ ଭାଗବତ ଏମିତି ଓଲଟା ପୁରାଣ ପଢିଥିଲେ ଯେ ବିଜେପିର ଯେଅବକି ବାର ୪୦୦ ପାରନ୍ତ ସ୍ଲୋଗାନ ମଧ୍ୟ ଭୁଲ ପ୍ରମାଣିତ ହୋଇଥିଲା। ସନ୍ଥ ସମାଜ ଯେତେ ବି ଭାବନାତ୍ମକ ବୟାନ ବାଜି କରନ୍ତୁ ନା କାହିଁକି ବିଜେପି ପାଇଁ ଭୋଟ ବ୍ୟାଙ୍କ ସୃଷ୍ଟି କରି ପାରିବେ ନାହିଁ। ମୋହନ ଭାଗବତଙ୍କ ବୟାନ ପରେ ଦେଶର ମୁସଲିମ ସଂପ୍ରଦାୟ ଏବେ ନାଗପୁର (ସ୍ୱୟଂସେବକ ସଂଘର କାର୍ଯ୍ୟାଳୟ) ଆଡକୁ ଦେଖିବାକୁ ପସନ୍ଦ କରୁଛନ୍ତି। ସେମାନଙ୍କୁ ଲାଗୁ ଥାଇପାରେ ଯେ ସଂଖ୍ୟା ଲଘୁକୁ ନେଇ ବିଜେପି ଏବଂ ସଂଘ ମଧ୍ୟରେ ପ୍ରତିଦ୍ୱନ୍ଦିତା ଚାଲିଛି। ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ସଂଘ ପ୍ରଚ୍ଛଦପଟ୍ଟରେ ସାହାଯ୍ୟ କରିଥିଲା। ଯୋଗୀ ଆଦିତ୍ୟାନାଥଙ୍କ ଯେକଟେଙ୍ଗେ ତୋ ବଟେ ଙ୍ଗେଯେ ସ୍ଲୋଗାନ ପଛରେ ସଂଘର ସହମତି ମଧ୍ୟ ଥିଲା। ଇତି ମଧ୍ୟରେ ସମ୍ବଲ ଘଟଣା ଘଟିଗଲା। ଫଡନବିଶ ସରକାର ଗଠନ ଏବଂ ବିଭାଗ ବ ନ ପଛରେ ସଂଘର ହାତ ରହିଥିଲା। ଏସବୁ ଘଟଣା ସରିବା ପରେ ସଂଘ ପ୍ରମୁଖ ଏକ ନୂଆମନ୍ତ୍ର ସ୍ୱୟଂସେବକ ମାନଙ୍କୁ ଦେଇଛନ୍ତି ଯାହା କେବଳ ଯେ ସାଧୁ -ସନ୍ଥ ସମାଜ ଏବଂ ସଂଘ-ବିଜେପି କାର୍ଯ୍ୟକ ୍ଙ୍କ ପାଇଁ ଏକ ସଙ୍କଟ ଜନକ ପରିସ୍ଥିତି ସୃଷ୍ଟି କରିଛି ତା ନୁହେଁ ମୁସଲିମ ସଂଖ୍ୟା ଲଘୁଙ୍କୁ ମଧ୍ୟ ଏପ୍ରସଙ୍ଗରେ ଚିନ୍ତା କରିବା ପାଇଁ ବାଧ୍ୟ କରିଦେଇଛି। ଦୁଇବର୍ଷ ପୁର୍ବରୁ ଉପୁଜିଥିବା ଯେଜ୍ଞାନବାପୀନ୍ତ ବିବାଦ ପରେ ମୋହନ ଭାଗବତ କହିଥିଲେ ଯେ ଯେସବୁ ମସଜିଦ୍‌ରେ ଶିବଲିଙ୍ଗ କାହିଁକି ଖୋଜା ଯାଉଛି? ରାମମନ୍ଦିର କାର୍ଯ୍ୟ ସଂପୂର୍ଣ୍ଣ ହୋଇଛି ଏଣୁ ଆଉ ଆନ୍ଦୋଳନ କରିବା ଉଚିତ୍ ନୁହେଁନ୍ତ କିନ୍ତୁ ଭାଗବତଙ୍କ ଏହି ମନ୍ତବ୍ୟର କଣ କିଛି ପ୍ରଭାବ ପଡିଥିଲା? ବରଂ ସାମ୍ପ୍ରଦାୟିକ ଧୃବୀକରଣ ମାଧ୍ୟମରେ ଗାଦି ପାଇଁ ରାଜନୀତି କରୁଥିବା ମହତ୍ୱାକାଂକ୍ଷୀ ମାନେ ସଂଘକୁ ସମାଲୋଚନା କରିଥିଲେ। ଏଭଳି ହୋଇନଥିଲେ ମୋହନ ଭାଗବତ ଡିସେମ୍ବର ୧୯ ତାରିଖରେ ଯାହା କହିଲେ ସେ କଥା କହିନ ଥାନ୍ତେ। ମୋହନ ଭାଗବତ ଯେଉଁ କଥା କହିଛନ୍ତି ତାହା ବିରୋଧି ଦଳଙ୍କ ଉଦେଶ୍ୟରେ ନୁହେଁ ନିଶ୍ଚୟ। ତେବେ ମୋହନ ଭାଗବତ କେଉଁ ମାନଙ୍କୁ ବୟାନ ମାଧ୍ୟମରେ ଟାର୍ଗେଟ କରିଛନ୍ତି? ମୋହନ ଭାଗବତ ତାଙ୍କ ବୟାନରେ କାହାରି ନାମ ନେଇ ନାହାଁନ୍ତି। ଭାଗବତ ମଧ୍ୟ ଏକଥା ସ୍ୱୀକାର କରିବାକୁ ପ୍ରସ୍ତୁତ ହେବେ ନାହିଁ ଯେ ସାଂପ୍ରଦାୟିକ ବୈମନସ୍ୟର ଯେଉଁ ମିଂ ଶାସନ ଗାଦି ପ୍ରାପ୍ତିର ଅସ୍ତ୍ର ଭାବରେ ବ୍ୟବହାର କରାଯାଉଛି ତାକୁ ନାଗପୁର (ସଂଘ) ଦୀର୍ଘବର୍ଷ ଧରି ମୌନ ସମର୍ଥନ କରି ଆସିଛି। ସେଇ ମି ଏବେ ବିଶାଳ ଦୃମରେ ପରିଣତ ହେବାକୁ ବସିଲାଣି। ଏବେ ଏହି ମହାଦୃମ ସଂଘକୁ ତା ତଳେ ଋପି ରଖିବାକୁ ଚାହିଁଲାଣି। ଭାଗବତଙ୍କ ବୟାନକୁ ସାଧୁ ସନ୍ଥ ମାନେ ହଜମ କରି ପାରୁ ନାହାଁନ୍ତି ଏବଂ ସଂଘ ହିନ୍ଦୁ ମାନଙ୍କ ଠିକା ନେଇ ନାହିଁ ବୋଲି କହୁଛନ୍ତି। ସଂଘକୁ ନେଇ ବିଜେପି ଏବଂ ସାଧୁ-ସନ୍ଥ ସମାଜର ଧାରଣା ଏକପ୍ରକାର। ଅଖିଳ ଭାରତୀୟ ସନ୍ଥ ସମିତି ସଂଘ ଏକ ସାଂସ୍କୃତିକ ସଂଗଠନ ବୋଲି କହିଲେଣି। ଏପରିକି ସମିତିର ମହାଶଚୀବ ସ୍ୱାମୀ ଜିତେନ୍ଦ୍ରାନନ୍ଦ ସରସ୍ୱତୀ କହିଛନ୍ତି ଯେ ଧର୍ମାଚାର୍ଯ୍ୟ ମାନେ ଯାହା ସ୍ଥିର କରିବେ ସେକଥାକୁ ସଂଘ ଏବଂ ବିଶ୍ୱ ହିନ୍ଦୁ ପରିଷଦ ମାନିବାକୁ ବାଧ୍ୟ। ଏହାର ସିଧା ସଳଖ ଅର୍ଥ ହେଉଛି ଭାଗବତଙ୍କ ବକ୍ତବ୍ୟ ପ୍ରଭାବହୀନ। ବିଗତ ଦୁଇ ଦଶନ୍ଧିରୁ ଅଧିକ ସମୟ ହେବ କେତେକ ରାଜନୈତିକ ଦଳ ଏବଂ ସେମାନଙ୍କ ଶୀର୍ଷ ସଂଗଠନର ନେତୃତ୍ୱରେ ଲକ୍ଷ ଲକ୍ଷ କର୍ମକ ୍, ପ୍ରବଚକ, ସାଧୁସନ୍ଥ ଏବଂ ଆଖଡ଼ାର ଗୋଷ୍ଠୀ ଏକତ୍ରିତ ହୋଇଯାଇଛନ୍ତି। ଏମାନଙ୍କ ପାଇଁ ମନ୍ଦିର ନିର୍ମାଣ ଓ ମନ୍ଦିରର ଅବଶେଷ ଖୋଜିବା ଏକ ଲାଭପ୍ରଦ ସଂଶାଧନ ବା ଉଦ୍ୟୋଗ ପାଲଟି ଯାଇଛି।

ମୋହନ ଭାଗବତଙ୍କ କଥାକୁ ଯଦି ଗ୍ରହଣ କରାଯିବ ତେବେ ଦେଶରେ ଧାର୍ମିକ ବେରୋଜଗାରୀର ଅରାଜକତା ସୃଷ୍ଟି ହୋଇଯିବ। କଥିତ ବିଧର୍ମିଙ୍କ ମର୍ମସ୍ଥଳରେ ପ୍ରହାର କରି ଗାଦି ପ୍ରାପ୍ତିର ମାର୍ଗ ପ୍ରଶସ୍ତ କରୁଥିବା ସେନାଙ୍କ ଅଭାବ ପଡିଯିବ। ହିନ୍ଦୁତ୍ୱବାଦୀ ସରକାର ଆଗରେ ଅସ୍ତିତ୍ୱର ସଙ୍କଟ ସୃଷ୍ଟି ହେବ। ଏବେ ପ୍ରଶ୍ନଉଠୁଛି ଯେ ବିଜେପି ସଂଘ ପ୍ରମୁଖଙ୍କ ବକ୍ତବ୍ୟକୁ ଗୁରୁତ୍ୱ ଦେବ କି ନାହିଁ? ଯଦି ଗୁରୁତ୍ୱ ନଦିଏ ସଂଘ ଆଗାମୀ ଦିନରେ ବିଜେପିର ପିତାମହର ଭୂମିକାରେ ରହିବ ନା ନାହିଁ? ଯାହାବି ହେଉ ମୋହନ ଭାଗବତ ସାହାସର ସହ ଯାହା କହିଛନ୍ତି ତାହା ଚିନ୍ତାର ବିଶୟ। ଏବେ ଦେଶରେ ଯେମିତି ସାମ୍ପ୍ରଦାୟିକ ସୌହାର୍ଦ୍ଦ୍ୟ ବିଗିଡିବାରେ ଲାଗିଛି ସେ ସମୟରେ ଭାଗବତଙ୍କ ମନ୍ତବ୍ୟର ଗୁରୁତ୍ୱ ଅଧିକ ରହିଛି।

*ରାମଚନ୍ଦ୍ରପୁର, ରଣପୁର*
*ମୋ: ୯୪୩୮୪୮୫୦୯୪*




**2024-2025**
**ADMISSION OPEN**
**Maharishi Public School, Baripada**

**STD-NURSERY TO VIII**
ENROLL YOUR CHILD TODAY

Speciaö discount for new admission before 15.03.2024

**Find the Difference**
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada


## ଖଟିଖିଆଙ୍କୁ ମାଗଣା ଖାଦ୍ୟ, ୬ ମାସ ପାଇଁ ପ୍ରତି ପରିବାରକୁ ଆର୍ଥିକ ସହାୟତା ଦାବିରେ ସିପିଆଇଏମ୍‌ର ବିକ୍ଷୋଭ

ଭଦ୍ରକ, (ପିଏନ)- ସିପିଆଇଏମ୍ ପଲିଟି ବ୍ୟୁରୋ ଡାକରାରେ ସାରା ଦେଶରେ ଗତ ୧୭ ତାରିଖ ଠାରୁ ମୋଦି ସରକାର ବିରୋଧୀ ଆନ୍ଦୋଳନ ଜାରି ରହିଛି। ଏହି ପରିପ୍ରେକ୍ଷୀରେ ବିଭିନ୍ନ ଦାବି ନେଇ ସିପିଆଇଏମ ଭଦ୍ରକ ଜିଲ୍ଲା କମିଟି ପକ୍ଷରୁ ସ୍ଥାନୀୟ ବନ୍ତ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସମଗ୍ର ବିଶ୍ୱ କରୋନା ମହାମାରୀ କବଳରେ ରହିଛି। ଭାରତ ବର୍ଷ ମଧ୍ୟ ଏଥିରୁ ବାଦ୍ ପଡିନାହିଁ। ଦେଶବାସୀଙ୍କ ଜୀବନ ଓ ଜୀବିକା ସଂକଟମୟ ସ୍ଥିତି ମଧ୍ୟରେ ଗତି କରୁଛି। ଏଭଳି ସମୟରେ କେନ୍ଦ୍ରର ମୋଦି ସରକାର ସଂସଦରେ ଏ ବିଷୟ ଆଲୋଚନା ନ କରି କୃଷିଜାତ ଦ୍ରବ୍ୟ ଡାଲି, ଧାନ, ଆଳୁ, ପିଆଜକୁ ୩ଟି ଅଧ୍ୟାଦେଶ ଜରିଆରେ କର୍ପୋରେଟ କମ୍ପାନୀ ହାତକୁ ଟେକି ଦେଇଛି। ସମସ୍ତ ରାଷ୍ଟ୍ରାୟ ଶିଳ୍ପ ଯଥା ରେଳବାଇ, ବିମାନ ସେବା, ବ୍ୟାଙ୍କ, ଡାକ, ବୀମା, ଖଣିକୁ ଶାଗମାଛ ଦରରେ ଆଦାନୀ, ଅମ୍ବାନୀ ତଥା ବିଦେଶୀ କର୍ପୋରେଟ କମ୍ପାନୀକୁ ଟେକି ଦିଆଯାଉଛି ବୋଲି ବିକ୍ଷୋଭ ଅବସରରେ ଆରୋପ କରାଯାଇଛି। ଦେଶରେ ପେଟ୍ରୋଲ, ଡିଜେଲର ଦରବୃଦ୍ଧିକୁ ନିୟନ୍ତ୍ରଣ କରିବା, ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟରେ ସ୍ଥିରତା ଆଣିବା, କରୋନା ମହାମରୀ ଜନିତ ଗରିବ ଖଟିଖିଆ ରିକ୍ସା ଚାଳକ, ନିର୍ମାଣ ଶ୍ରମିକ, ପରିବହନ ଶ୍ରମିକ, ବନ୍ଦର ଶ୍ରମିକ, ଟ୍ରଲି ଚାଳକ ଭଳି ପରିବାରକୁ ମାଗଣା ଖାଦ୍ୟ ଯୋଗାଣ ଓ ପ୍ରତି ପରିବାରକୁ ୬ ମାସ ପାଇଁ ମାସିକ ୭୫୦୦ ଟଙ୍କା ଆର୍ଥିକ ସହାୟତା ଯୋଗାଇବାକୁ ବିକ୍ଷୋଭ ସଭାରେ ଦାବି କରାଯାଇଛି।

## କାରଖାନା ବନ୍ଦ ପାଇଁ ଚକ୍ରାନ୍ତ, ବଢୁଛି ଅସନ୍ତୋଷ

କେନ୍ଦୁଝର, (ପିଏନ): କେନ୍ଦୁଝର ଜିଲ୍ଲାରେ ଖଣିଜ ସଂପଦର ସଦୁପଯୋଗ କରିବା ପାଇଁ ଶିଳ୍ପ ପ୍ରତିଷ୍ଠା ଜରୁରୀ ହୋଇପଡିଛି। ବହୁ କମ୍ପାନୀ ଶିଳ୍ପ ନକରି ଖଣିଜ ପଥର ଚାଲାଣ କରି ଲାଭବାନ ହେଉଥିବାବେଳେ କେତେକ କମ୍ପାନୀ ଖଣିଜ ପଥର ସଦୁପଯୋଗ କରିବା ସହ ଜିଲ୍ଲାର ବିକାଶ ଓ ସ୍ଥାନୀୟ ଅ ଳର ବେକାର ଯୁବକ ଯୁବତୀଙ୍କ ନିଯୁକ୍ତିକୁ ଆଖି ଆଗରେ ରଖି ଶିଳ୍ପ ପ୍ରତିଷ୍ଠା କରିଛନ୍ତି। ତେବେ କେତେକ ମୃଷ୍ଟିମେୟ ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ନିଜର ଫାଇଦା ପାଇଁ ସ୍ଥାନୀୟ ସରଳ ଗରୀବ ଲୋକଙ୍କୁ ମତାଇ ଉକ୍ତ ଶିଳ୍ପ ବନ୍ଦ ପାଇଁ ଚକ୍ରାନ୍ତ ଚଳାଇ ଆସୁଥିବାରୁ ଅସନ୍ତୋଷ ବଢିବାରେ ଲାଗିଛି। ଏଭଳି ଘଟଣା ବାଂଶପାଳ ବ୍ଲକ ଅଁରା ଗ୍ରାମରେ ପ୍ରତିଷ୍ଠିତ ହୋଇଥିବା ଶ୍ରୀ ମେଟାଲିକ୍ସ କାରଖାନାକୁ ବନ୍ଦ କରିବା ପାଇଁ ଷଡଯନ୍ତ୍ର କରାଯାଉଥିବା ନେଇ ସ୍ଥାନୀୟ ଲୋକ କେନ୍ଦୁଝର ଜିଲ୍ଲାପାଳଙ୍କଠାରେ ମଙ୍ଗଳବାର ଦିନ ଅଭିଯୋଗ କରିଛନ୍ତି। ଏହି କାରଖାନା ଆଦିବାସୀ ଅଧ୍ୟୁଷିତ ଅ ଳରେ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ପାଇଁ ୨୦୧୦ ମସିହାରେ ପ୍ରତିଷ୍ଠା ହୋଇ କାର୍ଯ୍ୟକ୍ଷମ ହୋଇଥିଲା। ଏହାଦ୍ୱାରା କାମ ଆଶାରେ ଜମି ଦେଇଥିବା ଶତାଧିକ ପରିବାର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଉପର ରାଇଗୋଡା ପ ାୟତ ସମେତ ମଳଦ୍ୱା,ପୁଳଝର,କୁମ୍ଭିଶୁଆକାଟୀ,ବାଂଶପାଳ ଆଦି ପ ାୟତର ବହୁ ବେକାର ଯୁବକ ଉପକୃତ ହୋଇ ଆସୁଥିଲେ। ତେବେ କେତେକ କୁଚକ୍ରୀ ଗୋଷ୍ଠୀଙ୍କ ଚକ୍ରାନ୍ତରେ ୨୦୧୪ ମସିହାରେ କାରଖାନା ବନ୍ଦ ହୋଇଯାଇଥିଲା। ଉକ୍ତ ସମୟରେ ସ୍ଥାନୀୟ ଲୋକେ କାମଧନ୍ଦା ହରାଇ ଆର୍ଥିକ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଥିଲେ। କାରଖାନା ପାଇଁ ଜମି ଦେଇଥିବା ଲୋକମାନେ ବାଧ୍ୟ ହୋଇ ଭିଟାମାଟି ଛାଡି କାମଧନ୍ଦା ପାଇଁ ବାହାରକୁ ପଳାଇବାକୁ ବାଧ୍ୟ ହୋଇଥିଲେ। ପରେ ଜମିହରା ଲୋକଙ୍କ ଅନୁରୋଧ ଓ ଅନୁକୁଳ ପରିବେଶ ସୃଷ୍ଟି ହେବା ପରେ ୨୦୧୭ ରେ ପୁନଃ ସ୍ଥାନୀୟ ଲୋକଙ୍କ ସହଯୋଗରେ କାରଖାନା ଚାଲୁ ହୋଇଥିଲା। ଏବେ କେତେକ ନ୍ୟସ୍ତ ସ୍ୱାର୍ଥବାଦୀ ଲୋକ ନିଜର ଫାଇଦା ପାଇଁ ଗରୀବ ଓ ନିରୀହ ଆଦିବାସୀଙ୍କୁ ପ୍ରଲୋଭିତ କରି କାରଖାନାରେ ବିଶୃଙ୍ଖଳା ସୃଷ୍ଟି କରି ବନ୍ଦ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଅନେକ ସମୟରେ ମିଥ୍ୟା ଓ ଭି ିହୀନ ଅଭିଯୋଗ କରି କାରଖାନା କ ୃପକ୍ଷଙ୍କୁ ବିବାଦ ଘେରକୁ ଟାଣି ନେବାକୁ ଚେଷ୍ଟା କରିବା ସହ ଉ େ ଜନା ପରିସ୍ଥିତି ସୃଷ୍ଟି କରୁଛନ୍ତି। ସେମାନେ ଗରୀବ ଲୋକଙ୍କୁ ପ୍ରଲୋଭିତ କରି କିମ୍ବା ଧମକଚମକ ଦେଇ କାରଖାନାରେ କାମ କରିବାକୁ ବାରଣ କରୁଛନ୍ତି। ସେମାନଙ୍କୁ ହାତବାରିସି କରି ହିଂସାତ୍ମକ ଆନ୍ଦୋଳନ କରିବା ସହ ଅରାଜକତା ସୃଷ୍ଟି କରି ଶ୍ରୀ ମେଟାଲିକ୍ସ ପ୍ଲା କୁ ବନ୍ଦ କରିବାକୁ ଉଦ୍ୟମ ଚଳାଇଛନ୍ତି। କାରଖାନା ବନ୍ଦ ହେଲେ ଶହ ଶହ ଜମିହରା ଗ୍ରାମବାସୀ ଏବଂ କାରଖାନା ଉପରେ ନିର୍ଭରଶୀଳ ସ୍ଥାନୀୟ ଅ ଳର ଅଧିବାସୀ ଜୀବନଜୀବିକା ହରାଇବେ ଓ କରୋନା ମହାମାରୀ ସମୟରେ କାମଧନ୍ଦା ହରାଇ ସେମାନଙ୍କର ଆର୍ଥିକ ସ୍ଥିତି ଦୋହଲିଯିବ। ଏଣୁ ଏଥିରେ ଜିଲ୍ଲା ପ୍ରଶାସନ ହସ୍ତକ୍ଷେପ କରି କୁଚକ୍ରୀ ଷଡଯନ୍ତ୍ରକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି କାରଖାନାକୁ ଶାନ୍ତିପୂର୍ଣ୍ଣ ଭାବରେ ପରିଚାଳନା କରିବାକୁ ଅଁରା ଗ୍ରାମବାସୀ ଓ ଶ୍ରୀ ରାଧାକୃଷ୍ଣ ଗ୍ରାମ କମିଟି ତରଫରୁ ଅନୁରୋଧ କରାଯାଇଛି। ଏହାର ଏକକିତା ନକଲ ମୁଖ୍ୟ ଶାସନ ସଚିବଙ୍କୁ ପ୍ରଦାନ କରିବା ସହ କେନ୍ଦୁଝର ଉପଜିଲ୍ଲାପାଳ, ସଦର ଏସ୍‌ଡିପିଓ, ବାଂଶପାଳ ତହସିଲଦାର, ନୟାକୋଟ ଥାନା ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି।

## ଭୁବନ ବିଜେପି ତରଫରୁ ସେବା ସପ୍ତାହ ଉଦଯାପିତ

ଭୁବନ, (ପିଏନ)- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ୭୦ ତମ ଜନ୍ମଜୟନ୍ତୀ ଅବସରରେ ଭୁବନ ବିଜେପି ତରଫରୁ ଅନୁଷ୍ଠିତ ସେବା ସପ୍ତାହ କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବୃକ୍ଷରୋପଣ,ଦିବ୍ୟାଙ୍ଗଙ୍କୁ ଉପକରଣ ବଣ୍ଟନ,ଡାକ୍ତରଖାନାରେ ରୋଗୀଙ୍କୁ ଫଳ ବଣ୍ଟନ,ରକ୍ତଦାନ ଶିବିର ଏବଂ ଅନ୍ତିମ ଦିବସରେ ଗତକାଲି ପ୍ରସିଦ୍ଧ ଶୈବପୀଠ ବାବା ବୁଦ୍ଧେଶ୍ୱରଙ୍କ ମନ୍ଦିର ପରିସରରେ ସ୍ୱଚ୍ଛଭାରତ କାର୍ଯ୍ୟକ୍ରମ କରାଯାଇ ସେବା ସପ୍ତାହ ଉଦଯାପିତ ହୋଇଥିଲା। ଭୁବନ ନଗରମଣ୍ଡଳ ସଭାପତି ଭବାନୀ ଶଙ୍କର ବେହେରା ଙ୍କ ନେତୃତ୍ୱରେ ଆୟୋଜିତ ସମସ୍ତ କାର୍ଯ୍ୟକ୍ରମରେ କାମାକ୍ଷାନଗର ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ବିଜେପି ନେତା ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ମଣ୍ଡଳ ସାଧାରଣ ସଂପାଦକ ସୁରେନ୍ଦ୍ର କୁମାର ପୃଷ୍ଟି, ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ, ପୂର୍ବତନ କାଉନସିଲର ମାୟାଧର ଗୁରୁ,ପବିତ୍ର ସାହୁ,ଗଣେଶ୍ୱର ନାୟକ,ସୁଶାନ୍ତ ନାୟକ,ସନ୍ତୋଷ ରାଉଳ,ନିରଂଜନ ଗୁରୁ, ମଳୟ ତ୍ରିପାଠୀ,ଜଗବନ୍ଧୁ ଗୁରୁ,ଅଜିତ ସାହୁ,ସଂଜୟ ଗୁରୁ,ନାରୀନେତ୍ରୀ ସରୋଜିନୀ ରଣା,ଅମ୍ବିକା ବେଜ,ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଅନୁରୂପ ଭାବେ ଭୁବନ ବ୍ଲକର ମହୁଲପାଳ ମଣ୍ଡଳ ସଭାପତି ଚୈତନ୍ୟ ବେହେରା,ମୃଦଙ୍ଗା ସରପଂଚ ଅଶୋକ ଦତ,ମହୁଲପାଳ ସରପଂଚ ମମତା ସାହୁ,ଗଗନ ବିହାରୀ ସାହୁ ଏବଂ ବାରଆଁ ମଣ୍ଡଳ ତରଫରୁ ସଭାପତି ସଂଜୟ ଦାସ ଙ୍କ ନେତୃତ୍ୱରେ ରସାନନ୍ଦ ମହାପାତ୍ର, ଜିଲ୍ଲା ସାଧାରଣ ସଂପାଦକ ପ୍ରେମାନନ୍ଦ ଜେନା ଙ୍କ ସହଯୋଗରେ ସେବା ସପ୍ତାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

## ଭୁବନ ସିଏଚସିରେ ୬୧ ଜଣଙ୍କର ଆଂଟିଜେନ ଟେଷ୍ଟ ହେଲା

ଭୁବନ, (ପିଏନ)- ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ଅଗଷ୍ଟ ୧୧ ତାରିଖ ମଙ୍ଗଳବାର ଠାରୁ ଆଂଟିଜେନ ଟେଷ୍ଟିଂ ଆରମ୍ଭ ହୋଇଥିବା ବେଳେ ଆଜି ସମୁଦାୟ ୬୧ ଜଣ ବ୍ୟକ୍ତି ଟେଷ୍ଟିଂ କରିଥିଲେ। ତେବେ ଆଜି ସୁଦ୍ଧା ୨୩୬୯ ଜଣ ବ୍ୟକ୍ତି ଆଂଟିଜେନ ଟେଷ୍ଟ କରିଥିବା ଜଣାପଡିଛି। ଭୁବନ ଏନଏସିରେ ଦିନକୁ ଦିନ ଥଣ୍ଡା,କାଶ,ଜ୍ୱର ସହିତ କରୋନା ସଂକ୍ରମିତ (ପଜିଟିଭ) ଙ୍କ ସଂଖ୍ୟା ବୃଦ୍ଧି ପାଇ ପାଖାପାଖି ୫ ଶହରେ ପହଁଚିଥିବାରୁ ଲୋକମାନେ ନିଜର ସୁରକ୍ଷା ଓ ସ୍ୱାସ୍ଥ୍ୟରକ୍ଷା ପାଇଁ ଅଧିକ ରୁ ଅଧିକ ସଂଖ୍ୟାରେ ଆଂଟିଜେନ ଟେଷ୍ଟ କରିବାକୁ ଡାକ୍ତରଖାନାରେ ଗହଳି କରୁଥିବା ଦେଖିବାକୁ ମିଳୁଛି।

## ଉପଖଣ୍ଡ ଚିକିତ୍ସାଳୟରେ ବ୍ଲଡ ଷ୍ଟୋରେଜ ୟୁନିଟ୍‌କୁ କାର୍ଯ୍ୟକ୍ଷମ ଦାବୀ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ଥିତ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରେ ଗତ ୩ ବର୍ଷ ତଳେ ବ୍ଲଡ ଷ୍ଟୋରେଜ ୟୁନିଟ ଖୋଲାଯାଇଥିଲା। ହେଲେ ଆବଶ୍ୟକ ରକ୍ତ ସଂଗ୍ରହ ହୋଇ ପାରୁନଥିବା ଯୋଗୁଁ ଏହି ୟୁନିଟ ବନ୍ଦ କରି ଦିଆଯାଇଥିବା ଜଣାପଡିଛି। ଫଳରେ ଏହି ୟୁନିଟକୁ ତୁରନ୍ତ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି। ନୂଆପଡା ଜିଲ୍ଲାର ପ୍ରମୁଖ ଏବଂ ମୁଖ୍ୟସ୍ଥଳୀ ଭାବରେ ଖଡିଆଳ ଜଣାଶୁଣା। ଏଠାରେ ରକ୍ତ ଅଭାବରୁ ଅନେକ ରୋଗୀ ଉପଯୁକ୍ତ ଚିକିତ୍ସା ସେବା ପାଇ ପାରୁନଥିବା ବେଳେ ବ୍ଲଡ ଷ୍ଟୋରେଜ ୟୁନିଟର ନିତାନ୍ତ ଆବଶ୍ୟକତା ରହିଛି। ରାଜ୍ୟ ସରକାର ତଥା ଜିଲ୍ଲା ପ୍ରଶାସନ ତରଫରୁ ପ୍ରତିମାସରେ ରକ୍ତଦାନ ଶିବିର ଆୟୋଜନ କରି ଆବଶ୍ୟକ ରକ୍ତ ମହଜୁଦ ରଖିବାକୁ ଇତିପୂର୍ବେ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ତଦନୁରୁପ ଖଡିଆଳ ଉପଖଣ୍ଡ ଚିକିତ୍ସାଧିକାରୀ ରକ୍ତଦାନ ଶିବିର ଆୟୋଜନ ପାଇଁ ବୈଠକ ମଧ୍ୟ କରିଥିଲେ। କିନ୍ତୁ କୌଣସି କାରଣ ନଥାଇ ତାହାକୁ ବିନା କାରଣରେ ବନ୍ଦ କରି ଦିଆଯାଇଛି। ଖଡିଆଳ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପ୍ରସୂତୀ ଅସ୍ତ୍ରୋପ୍ରଚାର କେନ୍ଦ୍ର ରୁପେ ଜିଲ୍ଲା ପ୍ରଶାସନ ସ୍ୱୀକୃତି ଦେଇଥିବା ବେଳେ ଆନୁସାଙ୍ଗିକ ବ୍ୟବସ୍ଥା ନହେବା କାରଣରୁ ଅନେକ ଗର୍ଭବତୀ ମହିଳା ମାନେ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରସବ କରିବାକୁ ବିଫଳ ହେଉଛନ୍ତି। ଖଡିଆଳ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୈନିକ ଦୈନିକ ୧୦ ରୁ ଉର୍ଦ୍ଧ ମାଁ ପ୍ରସବ କରୁଛନ୍ତି। କିନ୍ତୁ ଅନେକ ମାଁଙ୍କୁ ରକ୍ତ ମିଳୁନଥିବା ଯୋଗୁଁ ଶିଶୁ ଜନ୍ମ ଦେଲା ପରେ ମଧ୍ୟ ନୂଆପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପ୍ରସୂତୀଙ୍କୁ ନେବାକୁ ବାଧ୍ୟ ହେଉଛନ୍ତି। ବ୍ଲଡ ଷ୍ଟୋରେଜ ୟୁନିଟ କାର୍ଯ୍ୟକ୍ଷମ ହେଲେ ଅନେକ ପ୍ରସୂତୀ ମାଁ ସମେତ ଅନ୍ୟାନ୍ୟ ରୋଗୀ ମାନେ ଉପକୃତ ହୋଇପାରନ୍ତେ ବୋଲି ଖଡିଆଳ ବୁଦ୍ଧିଜିବୀ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ବ୍ଲଡ ଷ୍ଟୋରେଜ ୟୁନିଟକୁ କାର୍ଯ୍ୟକ୍ଷମ କରିବାକୁ ସାଧାରଣରେ ଦାବୀ ହେଉଛି।

## ୩୦ ବର୍ଷର ଫଳପୁରର ଜଙ୍ଗଲ ଜମି ଏବେ ବ୍ୟକ୍ତିଗତଙ୍କ ନାଁରେ : ଆନ୍ଦୋଳନ ପାଇଁ ୫ ପଂଚାୟତବାସୀ ଏକଜୁଟ

ଭଦ୍ରକ, (ପିଏନ)- ଭଦ୍ରକ ଜିଲା ଧାମନଗର ତହସିଲ ଅଧିନରେ ଥିବା ବିଭିନ୍ନ ଗୋଚର, ଅନାବାଦୀ ଓ ଜଙ୍ଗଲ ଜମିକୁ କେତେକ ଜମି ଦଲାରୀ ଚଂଚକତା କରି ନିଜ ନାମରେ କରି ନେଇଥିବା ଅଭିଯୋଗ ହୋଇଛି। ଏପରିକି ଉକ୍ତ ଜମିରେ ସଂପୃକ୍ତ ଦଲାରୀମାନେ ପକ୍କାଘର ସହିତ ଜବରଦଖଲ କରିବାରେ ସକ୍ଷମ ହୋଇଛନ୍ତି। ଏନେଇ ବିଭିନ୍ନ ମହଲରୁ ବାରମ୍ବାର ଅଭିଯୋଗ ସତ୍ୱେ ବି ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ହେଉନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ଅଂଚଳବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ପ୍ରକାଶ ଥାଉକି ଧାମନଗର ତହସିଲ ଅନ୍ତର୍ଗତ ଭଟ୍ଟସାହି ପଂଚାୟତ ଫଳପୁର ମୌଜାର ତଫସିଲ ଗ୍ରାମ୍ୟ ଜଙ୍ଗଲ ବୃତିକୁ ଚଂଚକତା କରି ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ନିଜ ନାମରେ ପଟ୍ଟା କରିନେଇଥିବା ଜଣାଯାଇଛି। ଅଭିଯୋଗରୁ ଜଣାଯାଇଛି ଯେ, ଜମିଦାରୀ ସମୟରେ ସୁଶିଳାବାଳା ଦାସୀ ନାମରେ ଉକ୍ତ ତଫସିଲ ରେକର୍ଡ ଦରଜ ଥିଲା। ସାବକରେ ଏହାର ଖାତା ନଂ-୧୩୫ ଅବଂ ପ୍ଲଟ ନଂ-୧୫୬୦ ଓ ୧୫୬୧, ରକବା ୨ଏକର ୧୧ ଡିସିମିଲ ଥିଲା। ତତ୍‌ପରେ ଉକ୍ତ ତଫସିଲ ହାଲ ବନ୍ଦୋବସ୍ତରେ ରାଧାକାନ୍ତ ବୋଷ ପିତା-ରାମକୃଷ୍ଣ ବୋଷ, ବାସସ୍ଥାନ-କୋଠାରରେ ରେକର୍ଡ ଦରଜ ଥାଇ ପୁର୍ନ୍ନବାର ରାଧାକାନ୍ତ ବୋଷଙ୍କ ଦୁଇ କନ୍ୟା ରାଜେଶ୍ୱରୀ ଦେ ଓ ତନୁଶ୍ରୀ ମିତ୍ରଙ୍କ ନାମରେ ରେକର୍ଡ ହୋଇଥିଲେ ହେଁ ପ୍ରକୃତପକ୍ଷେ ସେମାନେ କେହିଁ ଏହି ଜଙ୍ଗଲ ଜମିରେ ଦଖଲଦାରୀ ନଥିଲେ। ପରବର୍ତୀ ସମୟରେ ଧୁଷୁରୀ ଅଂଚଳର ଜନୈକ ବ୍ୟକ୍ତି ସେମାନଙ୍କ ଠାରୁ ଚଂଚକତା କରି ଉକ୍ତ ଜଙ୍ଗଲ ଜମିକୁ ନିଜ ନାମରେ କରି ପଟ୍ଟା ପାଇବାରେ ସକ୍ଷମ ହୋଇଛନ୍ତି। ଏହି ଚଂଚକତା ଘଟଣା ଜଣାପଡିବା ପରେ ଆଖପାଖ ଅଂଚଳର ଭଟ୍ଟସାହି ସମେତ ନଦୀଗାଁ, ଦଳାଙ୍ଗ, ଅର୍ଜ୍ଜୁନପୁର ଓ ବୟାଙ୍ଗଡିହ ଆଦି ପଂଚାୟତର ଶହଶହ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଗ୍ରାମ୍ୟ ଜଙ୍ଗଲରେ ପାରିପାର୍ଶ୍ୱରେ ଅରଳେଶ୍ୱର ମହାଦେବ ମନ୍ଦିର, ଶନିଦେବଙ୍କ ମନ୍ଦିର, କଣ୍ଠିଆଶୁଣି ଏବଂ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଅସ୍ଥାନ ରହିଛି। ମଧ୍ୟଭାଗରେ ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ରାସ୍ତା ଏବଂ ଜଙ୍ଗଲର ଚତୁର୍ପାର୍ଶ୍ୱରେ କଣ୍ଠିଆ ଓ ଗେଙ୍ଗୁଟି ନଦୀ ଥିବାରୁ ପରିବେଷକୁ ସୁନ୍ଦର କରିଛି। ଏନେଇ ଉକ୍ତ ୫ଟି ପଂଚାୟତର ଶତାଧିକ ଜନସାଧାରଣ ଏହି ଗ୍ରାମ୍ୟ ଜଙ୍ଗଲ ପରିସରରେ ଥିବା କଣ୍ଠିଆଶୁଣୀ ପୀଠରେ ଏକତ୍ରିତ ହୋଇ ପରବର୍ତୀ କାର୍ଯ୍ୟପନ୍ଥା ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ୩୦ ବର୍ଷ ଧରି ସରକାରଙ୍କ ଏହି ସ୍ଥାନ ଗ୍ରାମ୍ୟ ଜଙ୍ଗଲର ମାନ୍ୟତା ପାଇଥିଲା ବେଳେ କିପରି ଭାବେ ଏହି ଜମିକୁ ସଂପୃକ୍ତ ବ୍ୟକ୍ତିଙ୍କ ନାମରେ ରେକର୍ଡଭୁକ୍ତ କରାଗଲା। ଏହି ର୍‍ୟାକେଟ ପଛରେ କେଉଁ ସରକାରୀ ଅଧିକାରୀଙ୍କ ହାତ ଅଛି ତାହାକୁ ତୁରନ୍ତ ବାହାର କରିବା ସହିତ ଜଙ୍ଗଲ ଜମିକୁ ସୁରକ୍ଷା ଦେବା ପାଇଁ ଏକ ପ୍ରତିନିଧି ଦଳ ଆଗାମୀ ଦିନରେ ଭଦ୍ରକ ଜିଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବାକୁ ସ୍ଥିର କରାଯାଇଛି। ଏଥିସହ ଧାମନଗର ତହସିଲଦାରଙ୍କ ସମେତ ମୁଖ୍ୟମନ୍ତ୍ରୀ, ଆରଡିସି, ରାଜସ୍ୱ ଓ ଜଙ୍ଗଲ ବିଭାଗର ମନ୍ତ୍ରୀ, ସାଂସଦ, ସ୍ଥାନୀୟ ବିଧାୟକ ଓ ପଂଚାୟତ ସମିତି ଅଧ୍ୟକ୍ଷଙ୍କୁ ଏକ ଲିଖିତ ଅଭିଯୋଗ ପତ୍ର ପ୍ରଦାନ କରାଯିବା ପାଇଁ ନିଷ୍ପତି ହୋଇଛି। ଏହି ବୈଠକରେ ସମାଜସେବୀ ମଧୁସୂଦନ ମହାନ୍ତିଙ୍କ ସଭାପତିତ୍ୱରେ ନାରାୟଣ ଚନ୍ଦ୍ର ନାୟ, ସଂଜୟ କୁମାର ମହାପାତ୍ର, ଉମେଶ ଚନ୍ଦ୍ର ମହାନ୍ତି, ସମିତିସଭ୍ୟ ବିରଜା ପ୍ରସନ୍ନ ରାଉତ, ବିଶ୍ୱଜିତ ପତି, ସଂଜିବ କୁମାର ସାହୁ, ଦୁଃଶାସନ ପଣ୍ଡା, ପ୍ରମୋଦ କୁମାର ମହାନ୍ତି, ମନୋଜ କୁମାର ମହାନ୍ତି, ଗୋଲେଖ ଚନ୍ଦ୍ର ମହାନ୍ତି, ହରେକୃଷ୍ଣ ମହାଳିକ, ଆନନ୍ଦଚନ୍ଦ୍ର ମହାପାତ୍ର, ବାବାଜୀ ଚରଣ ନାୟକ, ପ୍ରଦୀପ ମହାପାତ୍ର, ସନ୍ଦିପ ମହାନ୍ତି, ଜନ୍ମଜୟ ପତି, ବୁଲୁ ପଣ୍ଡା, ଉପେନ୍ଦ୍ର ମହାପାତ୍ର, ରାମଚନ୍ଦ୍ର ସାହୁ, ପ୍ରଦୀପ ନାୟକ, ଦିପ୍ତି ମହାପାତ୍ର, କ୍ଷେତ୍ରବାସୀ ବାରିକ, ହରେକୃଷ୍ଣ ପ୍ରଧାନ, ପ୍ରତାପ ଜେନାଙ୍କ ସମେତ ଶତାଧିକ ଜନସାଧାରଣ ଉପସ୍ଥିତ ରହି ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଉପରୋକ୍ତ କାର୍ଯ୍ୟକୁ ପରିଚାଳନା ପାଇଁ ଏକ କମିଟି ଗଠନ କରାଯାଇଛି।

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

ଖେଳ ପର୍ଯ୍ୟବେକ୍ଷକ

Bhubaneswar Monday January 20 | ଭୁବନେଶ୍ୱର ସୋମବାର, ଜାନୁଆରୀ ୨୦,୨୦୨୫ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com



# ଡ. ଗୌରୀ ଶତପଥୀଙ୍କ କଳ୍ପନାର କଳ୍ପନା ଉନ୍ମୋଚିତ




ଭୁବନେଶ୍ୱର,(ପି.ଏନ): ଦେବଶ୍ରୀ ଚାରିଟେବୁଲ ଟ୍ରଷ୍ଟର ପ୍ରଥମ ପ୍ରକାଶନ ଡ. ଗୌରୀ ଶତପଥୀଙ୍କ କବିତା ସଂକଳନ କଳ୍ପନାର କଳ୍ପନା ଓ ଶୀଳା ସ୍ୱପ୍ନର ପୁନଃ ସଂସ୍କରଣ ଗୀତଗୋବିନ୍ଦ ଭବନ ଠାରେ ଉନ୍ମୋଚିତ ହୋଇଯାଇଛି। ବରିଷ୍ଠ ଆଇନଜୀବୀ ଡ. ମଧୁମାଧବ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଶିଷ୍ଟ ସାହିତ୍ୟିକ ଦାସ ବେନହୁର ଯୋଗଦେଇ କହିଥିଲେ ମଣିଷ ମନରେ ଅର୍ନ୍ତଦ୍ୱନ୍ଦ ବା ଆଉ ଗୋଟିଏ କଥା ପ୍ରତି ସମ୍ବେଦନା ଆସିଲେ ମଣିଷ ସାହିତ୍ୟ ସୃଷ୍ଟି କରେ। ଅନେକ ଲୋକ ଭାବନ୍ତି ସାହିତ୍ୟ ଆମକୁ କଣ ଦିଏ ? କିନ୍ତୁ ସାହିତ୍ୟ ଆମକୁ ଅନ୍ଧାର ଭିତରେ ଆଲୋକ, ଦୁଃଖ ଭିତରେ ଖୁସି ଓ ନିରାଶା ଭିତରେ ଆଶାର ସନ୍ଧାନ ଦେଇଥାଏ। ମଣିଷର ସୃଜନଶୀଳତା ଭାବ ହିଁ ସାହିତ୍ୟ ସୃଷ୍ଟି କରି ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଥାଏ। ମୁଖ୍ୟ ବକ୍ତା ବିଶିଷ୍ଟ ସାହିତ୍ୟ ସମାଲୋଚିକା ଡ. ସଂଘମିତ୍ରା ମିଶ୍ର ପୁସ୍ତକଟିର ସମୀକ୍ଷା କରି କହିଥିଲେ କବିତା ସଂକଳନରେ ସ୍ଥାନୀତ ସମସ୍ତ କବିତା ହୃଦୟସ୍ପର୍ଶୀ ହୋଇଛି। କବି କବିତା ସହିତ ବ ି ରହିବାକୁ ଅବଧାରିତ କରିଛନ୍ତି। ନିଜ ଅନୁଭୂତିର ସ୍ୱପ୍ନକୁ ସୁନ୍ଦର ରୂପାୟନ କରିଛନ୍ତି ଯାହା ନିଶ୍ଚୟ ପାଠକାଦୃତ ଦେବ। ଲେଖିକା ଶ୍ରୀମତୀ ଶତପଥୀ ଲେଖକୀୟ ଅଭିବ୍ୟକ୍ତି ପ୍ରକାଶ କରି ଗୃହିଣୀ ଜଞ୍ଜାଳ ଭିତରେ ବହୁ ବାଧା, ବିଘ୍ନକୁ ସାମ୍ନା କରି କବିତା ରଚନା କରିଛନ୍ତି ବୋଲି କହିଥିଲେ। ପ୍ରକାଶକ ଦୀପକ କୁମାର ସିଂ କହିଥିଲେ ଦେବଶ୍ରୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଅନେକ ଗରିବ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ପାଠ ପଢାଯାଇ ଉଚ୍ଚ ଶିକ୍ଷିତ କରାଯାଇଛି। ସାହିତ୍ୟ କ୍ଷେତ୍ରରେ ଆମର ଏହା ପ୍ରଥମ ପ୍ରବେଶ। ଯେଉଁ ସାହିତ୍ୟିକ ମାନେ ଅର୍ଥାଭାବରୁ ପୁସ୍ତକ ପ୍ରକାଶନ କରିବାରୁ ବ ିତ ରହୁଛନ୍ତି ସେମାନଙ୍କୁ ଆମେ ନିଶ୍ଚୟ ସାହାର୍ଯ୍ୟର ହାତ ବଢାଇବୁ। ସଂଯୁକ୍ତା ଦାସ ମ ସଂଚାଳନ କରିଥିଲାବେଳେ ବିଶିଷ୍ଟ ସମାଜସେବୀ ଯୁଗୋଳ କିଶୋର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଜଗତସିଂହପୁର ଜିଲ୍ଲାରେ ଧାନ ସଂଗ୍ରହ କେନ୍ଦ୍ର ଉଦଘାଟିତ




ଜଗତସିଂହପୁର, (ପି ଏନ) : ଆଜି କୁଜଙ୍ଗ ବ୍ଲକ୍ ଅନ୍ତର୍ଗତ ଶାଇଲୋ ଠାରେ ୨୦୨୪-୨୫ ବର୍ଷ ନିମନ୍ତେ ଜଗତସିଂହପୁର ଜିଲ୍ଲା ପ୍ରଶାସନ ଓ ନିୟନ୍ତିତ ବଜାର କମିଟି ରାହାମା ପକ୍ଷରୁ ଜିଲ୍ଲାରେ ଧାନ ସଂଗ୍ରହ କେନ୍ଦ୍ର (ମଣ୍ଡି) ମାନ୍ୟବର ମନ୍ତ୍ରୀ ଶିଳ୍ପ , ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା,ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଙ୍କ ଦ୍ୱାରା ଶୁଭ ଉଦଘାଟିତ ହୋଇଯାଇଛି। ଜିଲ୍ଲାରେ ୧୦୬ଟି ପ୍ରାଥମିକ କୃଷି ସମବାୟ ସମିତି ଓ ୯ ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ମାଧ୍ୟମରେ ଚାଷୀ ମାନଙ୍କ ଠାରୁ ଧାନ ସଂଗ୍ରହ କରାଯିବ। ଏହି ବୈଠକରେ ମାନ୍ୟବର ମନ୍ତ୍ରୀ ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ ଯେ ,ଚଳିତ ବର୍ଷ ଚାଷୀ ମାନଙ୍କ ଠାରୁ ସୁବ୍ୟବସ୍ଥିତ ,ସ୍ୱଚ୍ଛ ଓ ସହଜରେ ଧାନ କିଣା ହେବ। ଚାଷୀମାନେ ଯେପରି ସଠିକ୍ ଭାବେ ଧାନ ବିକ୍ରି କରିବେ ସେଦିଗରେ ଗୁରୁତ୍ୱ ଦେବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ ଦେଇଥିଲେ। ସରକାରୀ ଅଧିକାରୀ ଏବଂ ନୋଡାଲ ଅଫିସର ଚାଷୀଙ୍କ ପ୍ରତି କୋହଳ ମନୋଭାବ ପୋଷଣ କରିବାକୁ କହିଥିଲେ। ଚାଷୀ ଭାଇ ମାନଙ୍କୁ କୌଣସି ଅସୁବିଧାର ସମ୍ମୁଖୀନ ନ ହେବା ପାଇଁ ସବୁ ମଣ୍ଡିରେ ସି ସି ଟି ଭି ର ବ୍ୟବସ୍ଥା ଏବଂ ଧାନ ବିକ୍ରି କରିବାର ୪୮ ଘଣ୍ଟା ମଧ୍ୟରେ ଚାଷୀ ଭାଇ ମାନଙ୍କ ଆକାଉଣ୍ଟ କୁ ଟଙ୍କା ଆସିଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ଏହି ବୈଠକରେ ଯୋଗଦେଇ ଜିଲ୍ଲାପାଳ ଶ୍ରୀ ଜେ ସୋନାଲ କହିଲେ ଯେ ପ୍ରତି ମଣ୍ଡିରେ ଧାନ କ୍ରୟ କରିବା ପାଇଁ ଜଣେ ଜଣେ ନୋଡାଲ ଅଫିସର ଙ୍କୁ ନିୟୋଜିତ କରାଯାଇଛି ଏବଂ ଧାନ ବିକ୍ରୟ କରିବାରେ କୌଣସି ଅସୁବିଧା ହେଉଥିଲେ ଟୋଲ ଫ୍ରି ନମ୍ବର ୧୯୬୭ କୁ ଯୋଗାଯୋଗ କରିବା ପାଇଁ ପରାମର୍ଶ ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ପାରାଦ୍ୱୀପ ଶ୍ରୀ ନିରଞ୍ଜନ ବେହେରା ସ୍ୱାଗତ ଭାଷଣ ଦେଇଥିଲେ।ଯୋଗାଣ ଅଧିକାରୀ ଶ୍ରୀମତୀ ସୁଜାତା ମିଶ୍ର କହିଲେ ଚାଷୀ ମାନେ ସେମାନଙ୍କର ଧାନ ସୁଲଭ ମୂଲ୍ୟରେ ବିକ୍ରୟ କରିପାରିବେ।ଚାଷୀ ଭାଇ ମାନେ ଶୁଖିଲା ଓ ସଫା ଧାନ ବିକ୍ରୟ କେନ୍ଦ୍ରକୁ ଆଣନ୍ତୁ ଏବଂ ସରକାରୀ ଧାର୍ଯ୍ୟ ଉଚିତ୍ ସହାୟକ ମୂଲ୍ୟରେ ପାଆନ୍ତୁ। ସାଧାରଣ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୦୦ ଟଙ୍କା ଓ ଗ୍ରେଡ ଏ ଧାନ କ୍ୱିଣ୍ଟାଲ ପ୍ରତି ସହାୟକ ମୂଲ୍ୟ ୩୧୨୦ ଟଙ୍କା ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଛି ଏବଂ ଚାଷୀ ମାନେ ଧାନ ସଂଗ୍ରହ କେନ୍ଦ୍ରରେ ସକାଳ ୭ ଘଟିକା ଠାରୁ ସନ୍ଧ୍ୟା ୬ ଘଟିକା ମଧ୍ୟରେ ଧାନ ପହଞ୍ଚାଇବେ। ଏହି ବୈଠକରେ ଇଜଡଝ ଶ୍ରୀ ପ୍ରଭାତ ଚନ୍ଦ୍ର ଶତପଥୀ, ଯୋଗାଣ ବିଭାଗ କର୍ମକର୍ତ୍ତା, ମଣ୍ଡି ର ସେକ୍ରେଟାରୀ,ଚାଷୀ, ମିଲର ଓ ଗଣ ମାଧ୍ୟମ ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ଉପଜିଲ୍ଲାପାଳ ଶ୍ରୀ ପ୍ରଶାନ୍ତ କୁମାର ତରାଇ ଧନ୍ୟବାଦ ଅର୍ପଣ କରିଥିଲେ।

# ପଣ୍ୟ ଖଲାସରେ ପାରାଦୀପ ବନ୍ଦରର ରେକର୍ଡ



ପାରାଦୀପ,(ପି.ଏନ): ପଣ୍ୟ ଖଲାସ ରେ ପାରାଦୀପ ବନ୍ଦର ପ୍ରାଧିକରଣ ଏକ ନୂତନ ରେକର୍ଡ ସ୍ଥାପନ କରି ନୌବାଣିଜ୍ୟ କ୍ଷେତ୍ରରେ ଦେଶରେ ପ୍ରମୁଖ ଭୂମିକା ଗ୍ରହଣ କରି ଏହାର ସ୍ଥିତିକୁ ଆହୁରି ସୁଦୃଢ କରିପାରିଛି।ଚଳିତ ବର୍ଷ ଜାନୁୟାରୀ ୧୬ ତାରିଖ ଶୁକ୍ରବାର ଦିନ ପାରାଦୀପ ବନ୍ଦର ସଫଳତାର ସହିତ ୪୨ ବିଓବିଆର ରେକ୍ ଅନଲୋଡ୍ କରି ସର୍ବକାଳୀନ ରେକର୍ଡ ସୃଷ୍ଟି କରିଛି କ୍ଷ ତେବେ ଗତ ୨୦୨୨ ମସିହା ଜୁଲାଇ ୧୫ ତାରିଖରେ ୩୯ ଟି ରେକ୍ ଖଲାସ ର ପୂର୍ବ ରେକର୍ଡକୁ ଅତିକ୍ରମ କରିଛି ପାରାଦୀପ ବନ୍ଦର ।ଏହା ବ୍ୟତୀତ, ଏହି ଗୋଟିଏ ଦିନରେ ୪୫ ଟି ଥର୍ମାଲ୍ କୋଇଲା ରେକ୍ ଅନଲୋଡ୍ କରି ପାରାଦୀପ ବନ୍ଦର ଏହାର ପୂର୍ବ ଶ୍ରେଷ୍ଠ ୪୪ ରେକ ଖଲାସ ରେକର୍ଡ କୁ ଅତିକ୍ରମ କରି ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛି , ଯାହାକି ଜାନୁଆରୀ ୧୨ ,୨୦୨୫ ର କିଛି ଦିନ ପୂର୍ବରୁ ରେକର୍ଡ ସ୍ଥାପିତ ହୋଇଥିଲା କ୍ଷ ଏହି ଅତୁଳନୀୟ ପ୍ରଦର୍ଶନ ଦେଶର ଶିଳ୍ପ ଏବଂ ଶକ୍ତି କ୍ଷେତ୍ରକୁ ସମର୍ଥନ କରିବାରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ସୁଦୃଢ କରି ପାରାଦୀପ ବନ୍ଦରର କାର୍ଯ୍ୟକ୍ଷମ ଉତ୍କର୍ଷତାକୁ ପ୍ରମାଣିତ କରିଛି ।ଦକ୍ଷତା ବୃଦ୍ଧି, କ୍ଷମତା ବୃଦ୍ଧି ଏବଂ ବିଶ୍ୱ ବାଣିଜ୍ୟିକ ଚାହିଦା ବୃଦ୍ଧି ଏବଂ ଏହି ଚାହିଦା ପୂରଣ ପାଇଁ ପାରାଦୀପ ବନ୍ଦରର ପଣ୍ୟ ପରିଚାଳନାରେ କୀର୍ତ୍ତିମାନ ରେକର୍ଡଗୁଡିକ ଏହାର ପ୍ରତିବଦ୍ଧତାକୁ ଦର୍ଶାଉଛି ।

# ଉଦ୍‌ଯାପିତ ହେଲା ବାରାପୁର ମକର ମହୋତ୍ସବ

## *ଥଣ୍ଡା ସତ୍ତ୍ୱେ ସାଂସ୍କୃତିକ କାର୍ଯ୍ୟ କ୍ରମ ଦେଖିଲେ ହଜାର ହଜାର ଦର୍ଶକ*



ବାସୁଦେବପୁର,(ପି.ଏନ): ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ଅନ୍ତର୍ଗତ ସ୍ଥାନୀୟ ବାରାପୁର ଠାରେ ମହାବୀର କ୍ଲବ୍ ପକ୍ଷରୁ ମକର ପଡିଆ ରେ ମକର ମହୋତ୍ସବ ୨୦୨୫ ର ତିନି ଦିନ ଧରି ଅନୁଷ୍ଠିତ ହୋଇ ଯାଇଛି। ପ୍ରଥମ ଦିନ ରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅଶୋକ କୁମାର ଦାସ, ମୁଖ୍ୟ ବକ୍ତା ଭାବେ ପୂର୍ବତନ ବିଧାୟକ ମୁକ୍ତି କାନ୍ତ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ, ଓଡ଼ିଆ ଅଧ୍ୟାପକ ସତ୍ୟ ସୁନ୍ଦର ମହାକୁଡ, ନନ୍ଦ ଦୁଲାଲ ଘଡାଇ, ବୃନ୍ଦାବନ ଚନ୍ଦ୍ର ବେହେରା, ସରପଂଚ ସୁବାସ ସନ୍ଧି ବିଗ୍ରହ, ସମିତି ସଭ୍ୟ ବୁଲୁ ବିନ୍ଧାଣି ପ୍ରମୁଖ ଯୋଗ ଦେଇଥିଲେ। ମହାବୀର କ୍ଲବ୍ ର ସଭାପତି ବିଧୁ ଭୂଷଣ କର ଙ୍କ ସଭାପତିତ୍ୱ ରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା ବେଳେ ଅମିୟ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଦ୍ୱିତୀୟ ଦିନ ରେ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ, ବିଜେପି ଜିଲ୍ଲା ଉପ ସଭାପତି ଉଦୟ ନାରାୟଣ ମଲ୍ଲିକ, ଅସିତ୍ ଦାସ, କୈଳାଶ ପଣ୍ଡା, ବୃନ୍ଦାବନ ବେହେରା ଯୋଗ ଦେଇଥିଲେ। ସେହିପରି ଅନ୍ତିମ ତଥା ଉଦ୍ ଜାପାନୀ ଉତ୍ସବ ରେ ଅତିଥି ଭାବେ ସୋରୋ ବିଧାୟକ ମାଧବ ଧଡ଼ା, ପୂର୍ବତନ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ, ପଞ୍ଚାୟତ ସମିତି ଅଧ୍ୟକ୍ଷ ନଗେନ୍ଦ୍ର ବିଶ୍ୱାଳ,ଦିନ ବନ୍ଧୁ ଦାସ, ଗୌତମ ସେଠୀ ଯୋଗ ଦେଇଥିଲେ। ତିନି ଦିନ ରେ ସଭାପତି ବିଧୁ ଭୂଷଣ କର ସଭାପତିତ୍ୱ କରିଥିଲା ବେଳେ ଅମିୟ ପାଣିଗ୍ରାହୀ ସଂଯୋଜନା କରିଥିଲେ। ଏହି ଅବସର ରେ ସମ୍ବର୍ଦ୍ଧନା ସଭା ସହ ପୁରସ୍କାର ବିତରଣ ଉତ୍ସବ ମଧ୍ୟ ଅନୁଷ୍ଠିତ ହୋଇଥିଲା।ମହାବୀର କ୍ଲବ୍ ର ସମସ୍ତ ସଦସ୍ୟ ମାନଙ୍କ ଉପସ୍ଥିତ ରେ ଏହି ମହୋତ୍ସବ ତିନି ଦିନ ଧରି ଚାଲି ଶାନ୍ତି ଶୃଙ୍ଖଳା ର ସହ ସମାପନ ହୋଇ ଯାଇଛି। ମୀନା ବଜାର ସହ ନୃତ୍ୟ, ସଙ୍ଗୀତ ସହ ଓଡ଼ିଶା ରେ ଜଣା ଶୁଣା କଣ୍ଠ ଶିଳ୍ପୀ , ଅଭିନେତା ମାନଙ୍କୁ ନେଇ ସାଂସ୍କୃତିକ କାର୍ଯ୍ୟ କର୍ମ ର ଆୟୋଜନ କରାଯାଇଛି। ସ୍ଥାନୀୟ ଅଞ୍ଚଳ ର ବିଭିନ୍ନ ସ୍ଥାନ ରୁ ହଜାର ହଜାର ଲୋକ ମାନଙ୍କ ଗହଳ ଚହଳ ଲାଗି ରହି ଥିବାର ଦେଖା ଯାଇଛି।

# ଏବିଭିପି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ



କେନ୍ଦ୍ରାପଡ଼ା,(ପି.ଏନ): କେନ୍ଦ୍ରାପଡା ଜିଲ୍ଲା ଗସ୍ତରେ ଥିବା ଯୁବ ବ୍ୟାପାର, କ୍ରୀଡ଼ା ଓ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ବିଶ୍ୱର ସର୍ବ ବୃହତ ଛାତ୍ର ସଂଗଠନ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ କେନ୍ଦ୍ରାପଡାର କାର୍ଯ୍ୟକ ର୍ମାନେ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଜିଲ୍ଲାର ସର୍ବ ବୃହତ ମହାବିଦ୍ୟାଳୟ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ୫-ଟି ନାମରେ ନିର୍ମିତ ହେଉଥିବା ଭ ିଭୂମିର ମହାଦୁର୍ନୀତି ହୋଇଛି ଓ ୫ -ଟି ପ୍ରକଳ୍ପର ଠିକାଦାର ନିମ୍ନମାନର କାମ କରିଛନ୍ତି। ଯାହା ଫଳରେ ଏହି ମହାବିଦ୍ୟାଳୟରେ ଶିକ୍ଷାଗ୍ରହଣ କରୁଥିବା ଛାତ୍ରଛାତ୍ରୀମାନଙ୍କ ପାଠପଢାରେ ଗୁରୁତର ବାଧା ଉପୁଜିଛି। ଏହି ଘଟଣାର ଏକ ଉଚ୍ଚ ସ୍ତରୀୟ ତଦନ୍ତ ଦାବି କରିଛି ଅଖିଳ ଭାରତୀୟ ଛାତ୍ର ପରିଷଦ। ଏହା ସହିତ କେନ୍ଦ୍ରାପଡା କଲେଜର କୌଣସି ସ୍ଥାୟୀ ଅଧ୍ୟକ୍ଷ ନଥିବାରୁ ତୁରନ୍ତ ଜଣେ ସ୍ଥାୟୀ ଅଧ୍ୟକ୍ଷଙ୍କୁ ନିଯୁକ୍ତି ପ୍ରଦାନ କରାଯିବାକୁ ଦାବି କରାଯାଇଛି। ଖରା ଦିନ ହେଲେ ପିଲା ମାନେ ପାଣି ପିଇବା ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି, ସେହିପରି କେନ୍ଦ୍ରାପଡା ସନ୍ଧ୍ୟା ମହାବିଦ୍ୟାଳୟର ସ୍ୱତନ୍ତ୍ର ଖେଳ ପଡିଆ ଓ କନ୍ଫରେନ୍ସ ହଲର ସୁବିଧା ନାହିଁ, ମହାକାଳପଡା ବାୟାବାବା କଲେଜରେ ପାଚେରୀ ନଥିବାରୁ ସେହି କଲେଜ ପରିସରରେ ଅନେକ ଅଣଛାତ୍ର ପ୍ରବେଶ କରୁଛନ୍ତି ଯାହା ଫଳରେ କ୍ୟାମ୍ପସ ଭିତରେ ବିଶୃଙ୍ଖଳା ସୃଷ୍ଟି ହେଉଛି, ପଟ୍ଟାମୁଣ୍ଡାଇ ମହାବିଦ୍ୟାଳୟରେ ଶୌଚାଳୟର ସୁବିଧା ନାହିଁ । ଜିଲ୍ଲାର ଏହିସବୁ ଶିକ୍ଷା ସମସ୍ୟାକୁ ନେଇ ଏବିଭିପି ପକ୍ଷରୁ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଦାବିପତ୍ର ଦିଆଯାଇଛି। ଦାବିପତ୍ର ପ୍ରଦାନ ସମୟରେ କଟକ ବିଭାଗ ସହ - ସଂଯୋଜକ ସତ୍ୟ ରଞ୍ଜନ ନାୟକ, ପୂର୍ବ ପ୍ରାନ୍ତ ଏସଏଫଡି ସହ ସଂଯୋଜକ ଶଶି ପ୍ରସାଦ ମହାରଣା, ଜିଲ୍ଲା ସହ - ସଂଯୋଜକ ଚିନ୍ମୟ ପ୍ରସାଦ ବାହାଲିଆ, ରାଜ୍ୟ କାର୍ଯ୍ୟକାରିଣୀ ହରିଶ କୁମାର ରାଉତ, ନଗର ସମ୍ପାଦକ ଶ୍ରୀକାନ୍ତ କର , ସହ ସମ୍ପାଦକ ସୌମ୍ୟ ରଞ୍ଜନ ନାୟକ, ସହ ସମ୍ପାଦିକା ତୁଳସୀ ମଲ୍ଲିକ, କ୍ୟାମ୍ପସ ସଭାପତି ସୋମନାଥ ନାୟକ, କ୍ୟାମ୍ପସ ସମ୍ପାଦକ ଶୁଭମ୍ ସାହୁ, କ୍ୟାମ୍ପସ ଉପ ସଭାପତି ଯଶୋବନ୍ତ ପାତ୍ର ଓ ସୌମ୍ୟକାନ୍ତ ସ୍ୱାଇଁ, ରୂପାଲି ରାଉତ, ଭାଗ୍ୟଶ୍ରୀ ଚୁଲି, ସାନ୍ଧ୍ୟ ମହାବିଦ୍ୟାଳୟ ସଭାପତି ଜୀବନ ପ୍ରଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।




Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751<0 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray